


ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ । ଷଷ୍ଠ ସଂଖ୍ୟା । ଜୁନ୍ ୨୦୨୨

AMARISATYA
Estd.: 2006
ODISHA

# ଆମରି ସତ୍ୟ

ମାର୍ଗଦର୍ଶକ :

ଡ. ପ୍ରମୋଦ ଚନ୍ଦ୍ର ଦାଶ

ଉପଦେଷ୍ଟା ମଣ୍ଡଳୀ :

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

ନିଶିକାନ୍ତ କହଲସିଂହ

ସମ୍ପାଦକ :

ସମରଜିତ ପଟ୍ଟନାୟକ

ସହଯୋଗୀ ସମ୍ପାଦକ ମଣ୍ଡଳୀ :

ବାବାଜୀ ଜେନା

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଇ

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :

ରାଜୀବ ରଥ

ପ୍ରୀତମ ବଳିୟାରସିଂହ

## ସଂପାଦକୀୟ



ତାତି ଯିବ ଯିବ ହେଉଛି ହେଲେ ଯାଇନି.....
ମୌସୁମୀ ଆସିବ ଆସିବ ହେଉଛି ହେଲେ ଆସିନି......
ଏମିତି ଏକ ଗୋଳିଆ ମିଶା ପାଣିପାଗ....।
ଗୋଟେ ପଟେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ
ମାମଲା.......ଏତଲା.......ଆଉ ପାଲା......
ଆଉ ଗୋଟେ ପଟେ ଅଗ୍ନିବୀର.... ବାକ୍ୟବୀର....
ତମାମ ହୋ ହାଲ୍ଲା......।
ପୁନଶ୍ଚ ମହାମାରୀର ଧୀର ଲେଉଟାଣି ପଦଧ୍ୱନି.....।
ଏତେ ଅପ୍ରୀତିକର ଘଟଣା ...ଘନଘଟା......।
ଏତେ ଭାରାକ୍ରାନ୍ତ ମଣିଷର ମନ ଓ ଜୀବନ.....।
ତା' ଭିତରେ ଅଙ୍କୁରୋଦ୍ଗମ୍ ହୁଏ କବିତା..........
ଜୀବନର କବିତା.... ହୃଦୟର କବିତା..... ଆମ କବିତା.....।

ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,
ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଅସହ୍ୟ ଗ୍ରୀଷ୍ମ | ଜୟଶ୍ରୀ ପଟ୍ଟନାୟକ | ୫ |
| ୨ . | ଯୁଦ୍ଧପର ସକାଳ | ସୁରଞ୍ଜନ ପାତ୍ର | ୬ |
| ୩. | ପ୍ରିୟା ଗୋ | ଯମେଶ୍ୱର କହଲସିଂହ | ୭ |
| ୪. | ମାଟିର ମଣିଷ | ପୂର୍ଣ୍ଣ ଦାସ | ୮ |
| ୫. | ଦାୟୀ କିଏ | ସାରଙ୍ଗଧର ଷଡ଼ଙ୍ଗୀ | ୯ |
| ୬. | ସେମିତି ଥାଉ କିଛି | ସୁମିତା ବେହେରା ବାପି | ୧୦ |
| ୭. | ଭିତରର ଶିଶୁ | ଡଃ ରଜତ କୁମାର ଷଡ଼ଙ୍ଗୀ | ୧୧ |
| ୮. | ଜୀବନ | ରାଜାରାମ ବେହେରା | ୧୨ |
| ୯. | ଫେରିବାକୁ ହେବ | ଗୋପୀନାଥ ସେଠୀ | ୧୩ |
| ୧୦. | କଷଟି ପଥର | ବିନୟ ମିଶ୍ର | ୧୪ |
| ୧୧. | ସବୁଠି ତୁମରି ରୂପ | ହାସ୍ୟମୟୀ ରାଜ୍ | ୧୫ |
| ୧୨. | ପ୍ରେମ ରଙ୍ଗ | ସୁନୀଲ ନାୟକ | ୧୬ |
| ୧୩. | ସମ୍ପର୍କ | ତ୍ରିଲୋଚନ ଦାସ | ୧୭ |
| ୧୪. | କେଡ଼େ ସୁନ୍ଦର ମୋ ଗାଆଁ | ବିଜୟ କୁମାର ଜେନା | ୧୮ |
| ୧୫. | କବିତା ତିନି ଜଣଙ୍କର | ନିଶିକାନ୍ତ କହଲସିଂହ | ୨୦ |
| ୧୬. | ଭୋକ | ସୌମ୍ୟାଶ୍ରୀ ପଣ୍ଡା | ୨୧ |
| ୧୭. | ଖାସ୍ ତୁମ ପାଇଁ | ଡ. ସସ୍ମିତା ପଟ୍ଟନାୟକ | ୨୨ |
| ୧୮. | କଦମ୍ବର ଗୀତ | ରମେଶ ମଙ୍ଗରାଜ | ୨୩ |
| ୧୯. | ଇଚ୍ଛା ହୁଏ | କୁମାର ଶୁଭକାନ୍ତ | ୨୪ |
| ୨୦. | ଝରା ଶିଶିରର ଗୀତି...... | ସୁକାନ୍ତି ମିଶ୍ର | ୨୫ |
| ୨୧. | ଦରକାର ନାହିଁ | ବୈଦ୍ୟନାଥ ଖିଲାର | ୨୬ |
| ୨୨. | ସୀମାଞ୍ଚଳ ବରାହ ନୃସିଂହ | ଦିବାକର ନାୟକ | ୨୭ |
| ୨୩. | ତୁମେ ଗଲାପରେ | ସତ୍ୟନାରାୟଣ ମଲ୍ଲିକ | ୨୮ |
| ୨୪. | ଜୀବନର ଗତି | ଅଞ୍ଜଳି ଦାସ | ୨୯ |
| ୨୫. | ଗଜଲ୍ କଲିଜାକୁ ଜାଳିଦେଲୁ | ତାରାପ୍ରସାଦ ଜେନା | ୩୦ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ସୁଖ ସଂପର୍କ | ଜିତେନ୍ଦ୍ର କୁମାର ନାୟକ | ୩୧ |
| ୨୭. | ପ୍ରେମ କାହାଣୀ | ଆଶୁତୋଷ ମେହେର | ୩୨ |
| ୨୮. | ହାରିବାନି କେବେ ଜୀବନରେ | ବାସନ୍ତୀ ଦେଈ | ୩୩ |
| ୨୯. | ପରିବର୍ତ୍ତନର ସ୍ୱର.. | କିଶୋର ଚନ୍ଦ୍ର ପ୍ରଧାନ | ୩୪ |
| ୩୦. | ସାବିତ୍ରୀ ବ୍ରତ | କୈଳାଶଚନ୍ଦ୍ର ପାଢ଼ୀ | ୩୫ |
| ୩୧. | କୃଷକ | ମହେଶ୍ୱର ସାହୁ | ୩୬ |
| ୩୨. | ପ୍ରଣୟିନୀ ନିରିମାଖି | ବେଣୁଧର ସୂତାର | ୩୭ |
| ୩୩. | ସମୟ | ବସନ୍ତ କୁମାର ସାହୁ | ୩୮ |
| ୩୪. | ସ୍ତ୍ରୀ ଧର୍ମ (ଭାଗବତ ରୁ ଉଦ୍ଧୃତ) | ଡଃ ଚପଳା ପଣ୍ଡା | ୩୯ |
| ୩୫. | ବଞ୍ଚିବାର ଆଶା ନେଇ.... | ଡ. ଶରତ କୁମାର ଚଉଁରୀ | ୪୦ |
| ୩୬. | ଉନ୍ମୁକ୍ତ | ପ୍ରଣତି ମହାପାତ୍ର | ୪୧ |
| ୩୭. | ସକାଳ ଜଣାଣ | ବିଜୟ କୁମାର ଜେନା | ୪୨ |
| ୩୯. | ଈଶ୍ୱର | ଅକ୍ଷୟ ମହାନ୍ତି | ୪୩ |
| ୪୦. | ଆର୍ଯ୍ୟ ବଧୂ | ସୁମିତ୍ରା ମିଶ୍ର | ୪୪ |
| ୪୧. | କାହା ପାଇଁ | କାଳିପ୍ରସାଦ ମହାପାତ୍ର | ୪୫ |
| ୪୨. | ଆମ ଖାଦ୍ୟ - ଆମ ସ୍ୱାସ୍ଥ୍ୟ | ତୋଫାନ କୁମାର | ୪୬ |
| ୪୩. | ମୁକତି | ସୁରେଶ ଚନ୍ଦ୍ର ରଥ | ୪୭ |
| ୪୪. | ରଜ ମଉଜ | ସୌମ୍ୟେନ୍ଦ୍ର ମିଶ୍ର | ୪୮ |
| ୪୫. | ସଂଜବତୀ | ଦେବଯାନୀ ରାୟ | ୪୯ |

# ଅସହ୍ୟ ଗ୍ରୀଷ୍ମ



ଜୟଶ୍ରୀ ପଟ୍ଟନାୟକ

ଆକାଶର ଚନ୍ଦ୍ରାତପ ତଳେ
ହଳ ଆଉ ଲଙ୍ଗଳ କଣ୍ଟି ଧରି
କ୍ଷେତରେ ହଳ କରୁଥିଲା ସନା
ଅକ୍ଷି ତୃତୀୟାରେ ଯାଚି ଦେଉଥିଲା
ଖିରିପିଠା ଆଉ କେତେକଣ ଫଳମୂଳ
ନୂଆ ଯୋଡ ପିନ୍ଧି ନୈବେଦ୍ୟରେ
ଖୁବ ମନାସୁଥିଲା ସାଷ୍ଟାଙ୍ଗ ହୋଇକି
ଭଲ ବର୍ଷା ଭଲ ଅମଳ ପାଇଁ ।

ଉଦୁଉଦିଆ ବୈଶାଖ ଖରାରେ
ପଞ୍ଜରାଛାତି ଦେଖାଇ ପାକୁଆ ପାଟିରେ
ଖନି ମାରୁଥିବା ପାଟିରେ କହୁଥିଲା
ସୁଲି ବୋଉ, ଏସନ ଚାଳ ଛପରଟା ହେବ
ବୈଶାଖର ତାତି ଆଉ ସହି ହେଉନାହିଁ ।

ଗଛ ବୃଛ ବାତ୍ୟା ଆଁ ରେ ଗିଳି ଦେଲାପରେ
ଛପର ଫାଙ୍କରେ ପଡ଼ିଲାଣି
ଚାବୁକ ମାଡ଼ ପରି ଖରା
ଆଁ କରି ଚାହିଁଥିବା ବିଲ ମୁଣ୍ଡରେ ବି
ବହୁନାହିଁ ଶୀତଳ ପବନ
ନଈର ଚୁଆ ଯା' ସାହା ମୁନ୍ଦେ ପାଣି ପିଇବାକୁ
ନଈର ତତଲା ବାଲିରେ ଟିପେ ପାଦ ରଖିଲେ
ଲାଗୁଛି ଝାମୁରେ ଚାଲିବା ପରି
ଶୁଖିଲାଣି ମହାନଦୀର ଉପର ମୁଣ୍ଡ
ଆମ ଗାଁ ନଈ କଥା କିଏ ପଚାରେ ?
ରାତି ଥାଉଣୁ ଗରା, ବାଲଟି, ଡେକେଚି
ଜଗିଛନ୍ତି ପାଣିପାଇଁ
ସବୁ ସେଇ ଗ୍ରୀଷ୍ମରୁ ରକ୍ଷା ପାଇଁ ।

ନିଜକୁ ପଶୁ ପକ୍ଷୀ ଆଉ
ଟାଣ ଖରାରେ ସିଝିଯାଇଥିବା ଗଛର
ଅଣ୍ଡାକୁ ସଳଖିବା ପାଇଁ
ଉହଳ ବିକଳ ଜୀବନକୁ
ଶାନ୍ତ କରିବାପାଇଁ
ଗ୍ରୀଷ୍ମର ତାତିରୁ ନିଜକୁ ବଞ୍ଚେଇବା ପାଇଁ ।

ଆ! ବାରିକାନି ଲଗେଇଦେବା କେତେଟା ଗଛ
ଛାଇ ଉହାଡ଼ରେ, ଶୀତଳ ସମୀରଣରେ ବସି
ମିଠା ମିଠା କଥା ହେବା ମନଖୋଲାରେ
ଆମକୁ ଦେଖି କୁମ୍ଭାଟୁଆ ହୁଁ ମାରୁଥିବ
ଗଛ ଡାଳରେ, କୋଇଲି ଶୁଣାଉଥିବ
ଗୀତ ପଞ୍ଚମ ତାନରେ
ନାତିନାତୁଣୀଙ୍କର ସମୟ କଟିଯିବ
ଦୋଳି ଖେଳରେ ।

ଗଙ୍ଗନଗର , ଭୁବନେଶ୍ୱର



# ଯୁଦ୍ଧପର ସକାଳ

## ସୁରଞ୍ଜନ ପାତ୍ର

କ'ଣ ଆଉ ଅଛି ଏ ମାଟିରେ
ଫୁଲଗଛ ନା ମାଳି
ମେଘର ଘୁମୁରାଶବ୍ଦ ନା
ପକ୍ଷୀର କାକଳି
ଗୋଟେ ଲମ୍ବା ଶୂନ୍ୟତା ଯାହା
ବିଛେଇ ହୋଇଛି
ମୁହଁ ମାଡି ପଡ଼ିଥିବା କିଛି
ଦେଶଭକ୍ତଙ୍କ ପାଉଁଶ ଗଦାରେ।

ଯେଉଁ ମାନେ ଯୁଦ୍ଧ ଘୋଷଣା କରନ୍ତି
ସେମାନେ କ'ଣ କଳି ନଥାନ୍ତି
ରକ୍ତର ରଙ୍ଗ
ସଂପର୍କର ମୂଲ୍ୟ
ଲୁହର ଓଜନ
ମାପି ନଥାନ୍ତି କି
ଭୋକର ଗଭୀର?

ସେମାନଙ୍କ ପାଇଁ ସତେ
କେତେ ଅସହାୟ
ପାଲଟି ଯାଏ ସକାଳ
କେତେ ସ୍ୱପ୍ନ ପାଲଟି ଯାଏ
ହତଶ୍ରୀ କବିତା।

ହେ ! ଏକଛତ୍ରବାଦୀ
ଫେରାଇ ପାରିବ କି
ନଈକୁ ତା' ରୂପ
ସବୁଜ ଉପତ୍ୟକାକୁ ଜିଇଁବାର ପଣ
ଇନ୍ଦ୍ରଧନୁକୁ ବର୍ଣ୍ଣବିଭା
ନାରୀକୁ ସିନ୍ଦୂର
ପିତାକୁ ପୁତ୍ର
ଭରିକି ପାରିବ ଶୂନ୍ୟକୋଳ
ଦେଇକି ପାରିବ
ନିରାଶ୍ରୟଙ୍କୁ ଖଣ୍ଡେ ବାସ।

ଦେଖଦେଖ ଏ ସକାଳକୁ
ସୂର୍ଯ୍ୟମୁଖୀ ଛାତିର କୋହକୁ
ଟଳି ପଡ଼ିଥିବା ନଦୀର ସେତୁକୁ
ଦେଖଦେଖ
ଅଧାପୋଡ଼ା ମା'ର ସ୍ତନକୁ
କେମିତି ଝୁଣିଝୁଣି ପିଉଛି
ନିର୍ବୋଧ ଶିଶୁ
ପଞ୍ଜରା ଭାଙ୍ଗି ଯାଇଥବା
ଛାତିକୁ ଭିଡ଼ି ଧରି
ଭଗ୍ନ ସ୍ତୁପ ତଳୁ
କେମିତି କସରତ କରୁଛି
ନିଷ୍ପାପ ଜୀବନ।

ହେ ! ନରସଂହାରକାରୀ
ଏ ଯୁଦ୍ଧ କେବେ
ସକାଳକୁ ସଜେଇ ପାରିନି ସନ୍ଧ
ପୃଥିବୀକୁ ଦେଇନି ମୁଠାଏ ଭାତ
ପକ୍ଷୀକୁ ଇଞ୍ଚ ଉଚ୍ଚତା
ଏ ଯୁଦ୍ଧ କେବେ ପୋଛି ପାରିନି
ଆଷାଢ଼ ପାପୁଲିରୁ ଦୁଃଖ
ପବନ ଗର୍ଭାଶୟରୁ
ବାରୁଦର ଭ୍ରୂଣ
ଏ ଯୁଦ୍ଧ କେବେ ସଜେଇ ପାରିନି
ଜହ୍ନକୁ ଜାହ୍ନବୀ
ମାଟିକୁ ମହାର୍ଘ୍ୟ ସମ୍ପଦ
ପଥର ପିଠିରେ ଦେଇ ପାରିନି
ଶତାବ୍ଦୀର ମାନ୍ତ୍ରିକ ସ୍ପର୍ଶ।

ହେ! କ୍ରୁର ଶାସନାଧୀପତି
ଯେଦିନ ଖୋଜିବ ତୁମେ
ଆପଣାକୁ ନିଃସଙ୍ଗ ଯାତ୍ରାରେ
ଏ ଲୁହଭିଜା ସକାଳ ଛାତିରେ
ସେଦିନ ପାରିବ ବୁଝି
ହଣା ଖାଉଥିବା ପଶୁ
ନୀଡ଼ ହାରିଥିବା ପକ୍ଷୀ
ଧୂଆଁ ଆଉ ଧୂଳି ସାଜିଥିବା
ନୀରିହ ମଣିଷ
ତୋଳି ଥିବେ କେତେ ଯନ୍ତ୍ରଣା
ପିଇ ଥିବେ କେତେ ଶୂନ୍ୟତା
ଖାଲି ତୁମ ଅହଂକାର ପାଇଁ।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର ବାଲେଶ୍ୱର



# ପ୍ରିୟା ଗୋ

**ଯମେଶ୍ୱର କହଲସିଂହ**

-- :ଏକ :--

ପ୍ରିୟା ଗୋ !
ତୁମେ ପଦୁଅଁକେଶରୀ ଧାନ
ସୁନା ସୋରିଷିଆ ଜହ୍ନ
କବିତାର ଉପାଦାନ
ତୁମ ରୂପକାନ୍ତି ଦେଖି୍ଦେଲେ ଥରେ
ହୁଏ ଭ୍ରମ ମୁନି ମନ ।।

-- : ଦୁଇ :--

ପ୍ରିୟା ଗୋ !
ତୁମେ ଅନୁକୂଳ ଗୁଆପାନ
ରୁପା ତାରକସି କାମ
ମୋ' ମନ ଗାଧୁଆ ତୁଠେ ଦେଖୁଅଛି
ନିତି ତୁମ ପାଦଚିହ୍ନ....।।

-- :ତିନି : --

ପ୍ରିୟା ଗୋ !
ତୁମେ ଯଉବନ ବନ ଫୁଲ
ତୁମେ ମୋତିଟେ ଅମୂଲମୂଲ
ତୁମେ ପୁଣି ମୋ'ର ବିଦ୍ରୋହୀ ଆଖି୍ର
ଉତକ୍ଷିପ୍ତ ନିଆଁଝୁଲ ...।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା



# ମାଟିର ମଣିଷ

**ପୂର୍ଣ୍ଣ ଦାସ**

ଭୋକରେ ଗାଆ କି ଭୟରେ ଗାଆ ତୁ'
ଗାଆନା' ଶୋଷଣ ଗୀତ,
ତୁ' ପରା ମାଟିର କାରୀଗର ମୋର
ତୋ' ମନ୍ଦିରେ ଉଡ଼େ ନେତ । ୧ ।

ଜ୍ଞାନ ବିଜ୍ଞାନ କଳାର ନିଧାନ
ସୃଷ୍ଟିର ତୁ' ସୂତ୍ରଧର,
ଉଜ୍ଜଳ ଉଷାର ଅରୁଣ କିରଣ
ନୀଳନିଶି ନିଶାକର । ୨ ।

ପରଶେ ତୋ' ମହୀ ସବୁଜ ଦିଶଇ
କିଆରୀରେ ସୁନାଧାନ,
ତୋ' ଝାଳରେ ଝଳେ ସୃଷ୍ଟିର ସପନ
ଜୀବନବେଦର ଗାନ । ୩ ।

ଆକାଶ ଝରାଏ ଆଶିଷ ତୋ' ଶିରେ
ସାଗର ପଖାଳେ ପଦ,
ତୋ' କଥା କାହାଣୀ, କୋଣାରକ ବାଣୀ
ସୃଷ୍ଟିର ତୁ' ଧର୍ମପଦ । ୪ ।

ବେପାର ବଣିଜ ଜଙ୍ଗଲ ଖଣିଜ
ତୋ' ଶ୍ରମରେ ଶୋଭାମୟ,
ତୋ' ଭୋକିଲା ପେଟ, ତୃଷାତୁର କଣ୍ଠ
ଗାଏ ଜଗତର ଜୟ ....। ୫ ।

**କଣ୍ଟାବଣିଆ, ଛତ୍ରପଡା, ପ୍ରୀତିପୁର, ଯାଜପୁର**

# ଦାୟୀ କିଏ

**ସାରଙ୍ଗଧର ଷଡ଼ଙ୍ଗୀ**

ଧୀରେ ଧୀରେ ସଂସ୍କୃତିର ଅବକ୍ଷୟ ଘଟିଲାଣି
ଆଜିର ପିଢି ଅପସଂସ୍କୃତିକୁ ଆଦରି ନେଲେଣି
ବାପା ମା ଡାକ ଆଉ ଶୁଭୁ ନାହିଁ
ମମି ଡାଡି ଡାକ ଆଣ୍ଟି ଅଙ୍କଲ ଡାକରେ
ପରିବେଶ ଚଳଚଞ୍ଚଳ ହେଉଛି
ଜନମ ଦିନର ଏକୁଡ଼ିଶାଳର ଷଷ୍ଠୀ ପୂଜା ଆଉ ନାହିଁ
ନିଆଁ ଜଳିବା ବଦଳେ ନିଆଁ ଲିଭାଇ
ଜନମ ଦିନ ପାଳୁଛୁ ହାପି ବାର୍ଥଡେ କହି
ଆଗରୁ ନଥିଲା ବିବାହ ବାର୍ଷିକୀ
ଏବେ ହୁଏ ଆନିଭର୍ଷରି
ସ୍ୱଦେଶୀ ସଂସ୍କୃତି ହଜି ଗଲାଣି
ଅପସଂସ୍କୃତି କୁ ଶ୍ରେଷ୍ଠ ମଣିଲେଣି
ମାତୃଭାଷା ଛାଡି ପିଲାଏ ପଢିଲେ ଇଂଲିଶ ପାଠ
ଘରେ ଶୁଭୁ ନାହିଁ ଘଣ୍ଟି ଶବଦ
ହେଉନାହିଁ ପୂଜାପାଠ
ଶୁଭ ଅନୁକୂଳେ କଳସୀ ବସାଇ
କରନ୍ତିନି ଇଷ୍ଟ ଦର୍ଶନ
ଗୁରୁ ଗୁରୁଜନ ବନ୍ଦନା ଆଜି
ହୋଇଗଲା ସାତ ସପନ
କ୍ୟାଣ୍ଡଲ ଲାଇଟ ପାର୍ଟି ଦେଉଛନ୍ତି
ବନ୍ଧୁମେଳେ ହୋଟେଲରେ
ସନ୍ତାନ ବିବାହ ପରେ ଦମ୍ପତି
ହନିମୁନ ପାଇଁ ବିଦେଶ ବୁଲିଗଲେ
ମା' ମୁହଁ ଦେଖି ଛୁଆ ଚିହ୍ନୁଥିଲା
ଖାଏ ଯେବେ କ୍ଷୀର ଟାଣି
ଚେହେରା ଖରାପ ହୋଇଯିବ ବୋଲି
ପେଇଲେ ବୋତଲ ପାଣି
ବାପା ମା' ପାଦ କେହି ନ ଛୁଅନ୍ତି
କିଏ ଆଉ ଆପଣାର
ବାହାଘର ପରେ ପିଲାଛୁଆ ଘେନି
ଖୋଜୁଥାନ୍ତି ଭଡାଘର
ବାପ ମା' ସେବା ଲଜ୍ୟାକର ମନେକରି
ଛାଡିଦିଅନ୍ତି ତାଙ୍କୁ ବୃଦ୍ଧାଶ୍ରମେ ନେଇ
ଦୋଷୀ କିଏ ଦାୟୀ କିଏ କୁହ ବିଚାରି
ଇଂରାଜୀ ପଢିବା ଅପରାଧ ନୁହେଁ
ମାତୃଭାଷା ଆଗ ପଢ
ସ୍ୱଦେଶୀ ଆଚାର ବିଚାର ଶିଖି
ଆଗକୁ ଆଗକୁ ବଢ
ଆପଣା ଚରିତ୍ର ଆଗ ପରଖି
ପରକୁ ଦିଅ ଦୋଷ
ନିଜ ସଂସ୍କୃତି କୁ ବିସ୍ତାରି ପାରିଲେ
ହେବ ସିନା ପଉରୁଷ।

ମୋ - ୯୩୪୮୭୩୩୦୯୮



# ସେମିତି ଥାଉ କିଛି

**ସୁମିତା ବେହେରା ବାପି**

ଭଲ ଲାଗିବାର ଆବରଣ ତଳେ
କେତେ ଯେ ଭଲ ନ ଲାଗିବାର କଥା
ପରସ୍ତ ପରସ୍ତ ହୋଇ ଚାପି ରହିଥାଏ ବୁକୁତଳେ
ସେ ଅନୁଭବ କେବଳ ଏକାନ୍ତ ନିଜସ୍ୱ...

'ହଁ', 'ନା' ର ଆବର୍ତ୍ତ ମଧ୍ୟରେ ଛଟପଟ ହେଉଥିବା,
ତୁମେ , ମୁଁ, ସିଏ , କହିବାକୁ ଗଲେ ସମସ୍ତେ
କିଏ ବା ଭୋଗିନି କୁହ ସେହି ଅନ୍ତର୍ଦ୍ୱନ୍ଦ
ଯାହାର ଅନୁଭବ କେବଳ ଏକାନ୍ତ ନିଜସ୍ୱ !!

ତୁମ କାନରେ ସମଭାବାପନ୍ନ ହେବାର ମନ୍ତ୍ର
ଅତି ଗୋପନରେ ଦେବା ପରେ ବି
କହି ପାରିବ କି ମୁଁ କାହିଁକି ଏତେ ଦୁଃଖୀ ?
ବୋଧହୁଏ ନା ,କାରଣ ସେ ଅନୁଭବ ମୋର ଏକାନ୍ତ ନିଜସ୍ୱ।

ମୋ ବୁକୁର ଆବରଣ ଭେଦିବା ପାଇଁ
ପରସ୍ତ ପରସ୍ତ ଆସ୍ତରଣକୁ ଯେ ଖିନ୍ ଭିନ୍
କରି ଚିରି ଫାଡ଼ିଦେବାକୁ ପଡ଼ିବ!
ଦେଖିପାରିବ ତ ବେଦନାର ସମାଧି ତଳେ
ଶ୍ୱାସ ନେଉଥିବା ସେ ରୁଧିରାଶ୍ରୁକୁ ?
ଥାଉ, ଥାଉ ସେ ଅନୁଭବ ଯେ ମୋର ଏକାନ୍ତ ନିଜସ୍ୱ !!
ଆବରଣ ଥାଉ ସେମିତି .....।

ଭୁବନେଶ୍ୱର

# ଭିତରର ଶିଶୁ

ଡଃ ରଜତ କୁମାର ଷଡ଼ଙ୍ଗୀ

ମୋ ଭିତରର ଶିଶୁଟି
ହସୁଥାଏ ସବୁବେଳେ
ମୋ ସୁଖରେ ବି ଦୁଃଖରେ ବି ।।

ଖୁବ୍ ଲାଜ ଲାଗେ
ତୁଳା ପରି ନରମ ସୁଖରେ ସେ
ଖିଲି ଖିଲି ହସୁଥାଏ ବୋଲି
ଡର ମାଡେ
ମୋ ପାହାଡ଼ ଭଳିଆ ଦୁଃଖରେ ସେ
ହସୁଥାଏ ଏକା ଭଳି ।।

ଯେତେବେଳେ
କ୍ରୋଧ ମୋର ଲଙ୍ଘିଥାଏ କୂଳ
କଅଁଳ ବାଛୁରୀ ପରି ଡେଉଁଥାଏ ହସ ତାର
ବିବଶ କରୁଥାଏ ହସ
ସେ ଅବାଧ ଅବୋଧ ଶିଶୁର ।।

ଗ୍ରାସୁଥାଏ ହସ ତାର
ମୋ ଜୀବନ ସତ୍ତା,
ଏଡିପାରେ ନାହିଁ ସେ ହସ କଟାଳ
ସେ ହସର ମୋହ,
ନାହିଁ ମୋ ଇୟତ୍ତା,
ଚାହୁଁ ଥାଏ ମନ ଭିତରର ମନ
ଭିତରର ଶିଶୁଟି
ବଞ୍ଚି ରହୁ ଯାବତ ଜୀବନ ।।

ଗ୍ରା/ପୋ.ଅ.- ବୋରିଗୁମ୍ମା, କୋରାପୁଟ



# ଜୀବନ

## ରାଜାରାମ ବେହେରା

ଜୀବନ ନୁହେଁ ଯନ୍ତ୍ରଣା,
ମୃତ୍ୟୁ ନୁହେଁ ଅନ୍ତିମ ଠିକଣା,
ଜୀବନ ତ ସଦା ଛଳଛଳ
ଗୁଣୁଗୁଣୁ କବିତାର ପାହାଡି -ଝରଣା !
ଚାଲୁଚାଲୁ ପଡିଗଲେ
ପଥ ନୁହେଁ, ପଥିକର ଦୋଷ,
ତିରସ୍କାର ବଦଳରେ ମିଳେ
ତିରସ୍କାର, ତେବେ କିଆଁ ମନରେ ବିରସ,
ବାଟ ଭୁଲି ଅବାଟରେ ଗଲେ
ଧ୍ରୁବ ସତ୍ୟ ଏହା, ହେବ ନିଶ୍ଚେ ନିଜେ ବାଟବଣା,
ଜୀବନ ତ ସଦା ଛଳଛଳ
ଗୁଣୁଗୁଣୁ କବିତାର ପାହାଡି -ଝରଣା !
କାମନା ତ ଅସୁମାରି
ସେ ବାକ୍ୟରେ ନାହିଁ ପୂର୍ଣ୍ଣଚ୍ଛେଦ,
ଇପସିତ ବସ୍ତୁ ଅପ୍ରାପତେ
ମନେ, ପ୍ରାଣେ ଭରିଯାଏ ଅମାପ ବିଷାଦ,
ନିଜ ପାଇଁ ନିଜେ ଗାତ ଖୋଳି
ବିପଦ ପଡିଲେ କହୁ ଏହା ଭାଗ୍ୟ -ବିଡମ୍ବନା,
ଜୀବନ ତ ସଦା ଛଳଛଳ
ଗୁଣୁଗୁଣୁ କବିତାର ପାହାଡି ଝରଣା।
ଜୀବନ ଜିଇଁବା କଳା
ଥରେ ଶିଖି ନେଲେ ଆପଣେଇ
ପରିବ୍ୟାପ୍ତ ଜୀବନ ପରିଧି
ରୋଗ, ଶୋକ, ଲୁହ, ଲହୁ
ପାରେନାହିଁ ଛୁଇଁ
ଅନୁଭବି ସେ ଦିବ୍ୟ ଚେତନା
ଏହିତ ଜୀବନର ନିର୍ଭୁଲ, ସଠିକ ଠିକଣା,
ଜୀବନ ତ ସଦା ଛଳଛଳ
ଗୁଣୁଗୁଣୁ କବିତାର
ପାହାଡି ଝରଣା

ଶକ୍ତିନଗର, ଖୋର୍ଦ୍ଧା



# ଫେରିବାକୁ ହେବ

ଗୋପୀନାଥ ସେଠୀ

କବାଟ, ସେବେ ଖୋଲାଥିଲା
ଏବେ ବି ଖୋଲା ଅଛି
ଗାଁ, ସେଦିନ ଡାକୁଥିଲା
ଆଜି ବି ଡାକୁଛି ।

କବାଟ ଫାଙ୍କରୁ ଫେରିବା ବାଟକୁ
ନିରେଖିଛି ନିରୀହ ଆଖିହଳେ
ଚାରିକାନ୍ଥ ଭିତରେ ଉଡିବୁଲୁଛି
ଫର୍ଦ୍ଦ ଫର୍ଦ୍ଦ ଅଭିଯୋଗ ।

ଗାଁ ଗୋହିରିରୁ ଲିଭିନି ପାଦଚିହ୍ନ
ଆମ୍ବ ତୋଟା, ନଈପଠାରେ
ସାଇତା ଅଛି ସେ ଅଝଟ ପଣ ।

ଶାଗ କିଆରି ଆଉ ସୋରିଷ କ୍ଷେତ
ସବୁଠୁ ଶୁଭେ ତୁମ ଅବୁଝା ଗୀତ !!

କେବେ, ଆପେ ଆପେ ଅନ୍ ହୁଏ
ଅଳନ୍ଧୁ ଲଗା ରେଡିଓଟା,
ବାଛିନିଏ ବିବିଧଭାରତୀ
ସଂଜହେଲେ ତାରାମାନେ ମିଶି
ତୁମ କଥା ପଚାରନ୍ତି ।

ଝୁରୁଛନ୍ତି....
ଝରିଆ କକା, ଝୁମୁରୀ ନାନୀ
ଚାହିଁଛନ୍ତି ମାଟି ଆଉ ମଶାଣି !

ମନେଅଛି ନା... ?
ଏମିତି ଦିନେ ଫେରିବାକୁ କହି
ଫେରିଆସିଥିଲା ବଉଳା
କିନ୍ତୁ, ଫେରିନଥିଲେ କୃଷ୍ଣ !!

ବାହୁଡିଲା ବଉଳାକୁ
ବାହୁଡାଇଦେଲା ବାଘ
ଅଥଚ ଧର୍ମକୁ ଦ୍ବାହି
କୃଷ୍ଣ କହିଲେ...

"ଧର୍ମ ସଂସ୍ଥାପନାର୍ଥାୟ
ସମ୍ଭବାମି ଯୁଗେ ଯୁଗେ"

ଧର୍ମ ତେବେ କଣ ?
ଧର୍ମକୁ ଧରିରଖି,
ପିଠିରେ ପିଠିଏ କର୍ମ ଲଦିଥିବା
ଧାର୍ମିକମାନେ ମନେରଖ...!

ତୁମକୁ ତିଆରିବା ଯାହାର ଧର୍ମ
ତାକୁ ସମ୍ଭାଳିବା ବି ତୁମର କର୍ମ !

ଧୃତରାଷ୍ଟ୍ରମାନେ ତ ଚିରକାଳ ଅନ୍ଧ
ଗାନ୍ଧାରୀ ଆଖିରେ ଅନ୍ଧ ପଟ୍ଟିକା ?

ଆଖିଥାଇ ଅନ୍ଧ ହୁଅନାହିଁ !
ନଚେତ୍ ଦିନେ ଖୋଲି
ଦେଖିଲା ବେଳକୁ
ସମ୍ମୁଖରେ ଥିବ ଶେଷ ଚିହ୍ନ ଦୁର୍ଦ୍ଦକ୍ଷ !!!

ପାଣ୍ଡବଙ୍କୁ ବଞ୍ଚାଇବାରେ ସକ୍ଷମ
ସୌରିଙ୍କ ଶେଷ ହସ ପରି
ସେଇ ହସ ହେବ ତୁମର ଶେଷ ହସ
ଆଉ ତାପରେ, ଯଦୁବଂଶ ନାଶ !!

ମାଟିକୁ ପିଠି କରି ବସିଥିବା
ମଣିଷମାନେ ଶୁଣିଥାଅ...!

ମାଟିର ଡାକ ହୁଏତ ଶୁଭିନପାରେ
ହେଲେ ମଶାଣିର ଡାକ ??
ଦିନେ ଫେରିବାକୁ ହେବ
ମନେରଖ.... ମନେରଖ !!



# କଷଟି ପଥର

ବିନୟ ମିଶ୍ର

ପ୍ରଣୟ କି ହେବ କଷଟି ପଥର
ପ୍ରେମ ଅନୁରାଗ ପାଇଁ !
ଶ୍ରୀରାଧା କାହାଣୀ ଯଥେଷ୍ଟ କି ନୁହେଁ
ଏ କଥା ବୁଝିବା ପାଇଁ ?

ଭାବ ଓ ଆବେଗ ମନେ ଥିଲେ ପରା
ସେହି ଅନୁରାଗ ଜାଗେ,
କେଉଁ କାରଣରୁ ସଂସାର ତଥାପି
ଅଗ୍ନି ପରୀକ୍ଷାଟି ମାଗେ ?

ଭୁବନେଶ୍ୱର



# ସବୁଠି ତୁମରି ରୂପ

**ହାସ୍ୟମୟୀ ରାଜ୍**

ଯେଉଁଠି ବି ଚାହେଁ ଯେମିତି ବି ଚାହେଁ
ଦେଖୁଛି ତୁମରି ରୂପ
ଆକାଶ ପବନ ଗଛ କି ପତର
ସବୁଠି ଦେଖୁଛି ଛାପ
ଯେଉଁଠି ବି ଚାହେଁ...... ।

ଏତେ ବଡ ସୃଷ୍ଟି କେମିତି ଗଢିଲ
ମୋହମାୟା ଜାଲେ ପୁଣି ବାନ୍ଧିଦେଲ
ସେ ବନ୍ଧନୁ ପୁଣି ଫେରାଇ ମନକୁ
କରେ ତମ ନାମ ଜପ
ଯେଉଁଠି ବି ଚାହେଁ........ ।

ସ୍ନେହ ପ୍ରେମ ପୁଣି ହୃଦୟେ ଭରିଲ
କରୁଣାର ବାରି ଝର ବୁହାଇଲ
ସେଇ ପ୍ରେମ ବାରି ଅୟୁତ ପ୍ରାଣରୁ
ନାଶିଦିଏ ଆଜି ତାପ
ଯେଉଁଠି ବି ଚାହେଁ....... ।

କେ ହୋଇ ପାରିବ ସତେ ତୁମ ତୁଲ
ବୁଝିବାକୁ ପ୍ରାଣ ସନ୍ତାପ ସକଳ
ନିଜକୁ ଯେ ବୁଝେ ତୁମଠାରେ ହଜେ
ହରିଯାଏ ତାର ପାପ
ଯେଉଁଠି ବି ଚାହେଁ....... ।

**ଓରାଳି, ହାଟଡିହି, କେନ୍ଦୁଝର**



# ପ୍ରେମ ରଙ୍ଗ

**ସୁନୀଲ ନାୟକ**

ତପ୍ତ ମରୁଭୂମି ସୁଦୂର ଆକାଶ
ତହିଁରେ ଚେନାଏ ମେଘ,
ପାନ୍ଥଶାଳା ପ୍ରାନ୍ତେ ତୃଷାର୍ତ୍ତ ପାନ୍ଥ ମୁଁ
ମୋ' ତୃଷ୍ଣା ନିବାରି ଦେବ ||

ତୃଷ୍ଣା ଆତୁରେ ଛଟପଟ ହୁଏ
ଭିଜିବାକୁ ତୁମ ସାଥେ
ମୃଗତୃଷ୍ଣା ସମ ଭାସୁଛି ମୋ' ପ୍ରେମ
ନୀଳ ନିର୍ଜନ ପଥେ ||

ମନ ମରୁଦ୍ୟାନେ  ଭାରାକ୍ରାନ୍ତ ମନ
ଖୋଜେ ତୁମ ପ୍ରତିଛବି
ତନ୍ଦ୍ରା ଆକାଶେ ଉଇଁଆସ  ଥରେ
ନୀରବରେ  ଚାହିଁଥିବି ||

ପ୍ରେମର ଅନଳେ ଜଳିବା ଆଗରୁ
ଆସ ସାଥୀ ଆସ ଫେରି
ପ୍ରେମର ଦୀପାଳି ଲିଭିବା ଆଗରୁ
ପ୍ରେମ ରଙ୍ଗ  ଦିଅ ବୋଳି ||

ଅସ୍ତରଙ୍ଗ, ପୁରୀ



# ସମ୍ପର୍କ

## ତ୍ରିଲୋଚନ ଦାସ

କାହିଁକି ବାନ୍ଧିଛ ଏ ମିଛ ସମ୍ପର୍କ,
ଯେଉଁ ସମ୍ପର୍କରେ ଏତେ ଛଳନା
କହି ହେଉନାହିଁ ସହି ହେଉନାହିଁ,
ସମ୍ପର୍କର ସଂଜ୍ଞା ବୁଝି ହୁଏନା ।।୦।।

ଜୀବନକୁ କଷୁଅଛ ବାରମ୍ବାର
ସମୟର କଠୋର ପଣରେ
ଲୁହ ସବୁ କୋହ ହୋଇ ଜମିଲାଣି
ଛାତିତଳେ ନିଭୃତ କୋଣରେ
ତଥାପି ମୁଁ ସଦା କାଳେ
ସମର୍ପିତ ତୁମଠାରେ
ତୁମ ବିନା ଆଉ କିଛି ଜାଣେନା ।।୧।।

ବିଶ୍ୱାସର କଣ୍ଟା ପିଟି ମୋ' ଛାତିରେ
ସମ୍ପର୍କର ସୀମା ଆରପାରେ
ବୟସର ଅପରାହ୍ନେ ଅଣ୍ଟା ଭାଙ୍ଗି
ତଉଲୁଛ ସନ୍ଦେହ ଚକ୍ଷୁରେ
ତଥାପି ମୁଁ ସହିପାରେ
ସବୁ କିଛି ନୀରବରେ
ତୁମ ବିନା ଆଉ କିଛି ଦିଶେନା ।।୨।।

ଶ୍ରୀବିହାର, ଖୋର୍ଦ୍ଧା

# କେଡ଼େ ସୁନ୍ଦର ମୋ ଗାଆଁ



**ବିଜୟ କୁମାର ଜେନା**

ଖରସ୍ରୋତା ଇଏ ଚିରସ୍ରୋତା ମୋର
ଗାଁକୁ ଯାଇଛି ଛୁଇଁ,
ଏଇଠି ଥିଲେ ମୋ ପୁରୁବ ପୁରୁଷ
ଏଇଠି ରହିବି ମୁହିଁ।

ଲୋଡ଼ାନାହିଁ ମୋତେ ବଡ଼ ସହରରେ
ମାର୍ବଲ ଚଟାଣ ଘର,
ମୋ ଗାଆଁ ମଝିରେ ଅପେକ୍ଷା କରିଛି
ଟିକି ଘରଟିଏ ମୋର।

ମୋ ଗାଆଁ ସକାଳ ସୁରୁଜ ଉଠଇ
କାଉ କୁମ୍ଭାଟୁଆ ଡାକେ,
ମୋ ଗାଆଁ ସଞ୍ଜରେ ସୁରୁଜ ବୁଡ଼ଇ
ତାଳ ଗଛ ପଛ ପାଖେ।

ସୁନ୍ଦର ବୋଲି ତ ଗାଆଁଟି ମୋହର
ସୁନ୍ଦରପୁର ତା ନାଁ,
ଯେଉଁଠି ଥିଲେ ବି ଜୀବିକା ଅର୍ଜନେ
ହୃଦୟେ ଥାଏ ମୋ ଗାଁ।

ଆଉଜି ବସିଛି ଜୀବନ ସେଠାରେ
ଫଟା କାନ୍ଥ ନାହିଁ ଛାତ,
ଲକ୍ଷ୍ମୀ ଆବାହନେ ଚିତା ପକାଇଛି
ଯେତିକି ପାଇଛି ହାତ।

ସକାଳ ଶୁଣାଏ ଚୁଡ଼ି ରୁଣୁଝୁଣୁ
ବାଛୁରୀ ମୁହଁରୁ ହମ୍ବା,
କନିଅର ଫୁଟେ ଶେଫାଳୀ ମହକେ
ଗାଆଁ ଗୁଆ ଗଛ ଲମ୍ବା।

ଏ ମୁଣ୍ଡରେ ଅଛି ଠାକୁରାଣୀ ପିଣ୍ଡା
ସୁଖରେ ଦୁଃଖରେ ସାଥୀ,
ନିଇତି ସକାଳେ ଶୁଭେ ପୂଜା ଘଣ୍ଟି
ସଂଜରେ ପଢନ୍ତି ପୋଥି।

ସେ ମୁଣ୍ଡରେ ଶିବ ଦେଉଳ ଭିତରେ
ଘର୍ଷଣ ଟିକିଏ ପାଇ,
ସଞ୍ଜ ହେଲେ ଟିକେ ଗଞ୍ଜେଇ ଚିଲମ
ସବୁ ସମ୍ଭାଳିଛି ସେଇ।

ବରଜୁ ନନା ତା ଷଣ୍ଢ ନାକ ଫୋଡ଼ି
ସମ୍ଭାଳି ରଖିଛି ସିନା,
ଗାଇକୁ ଆଣିବ ଯଦି ତା ପାଖକୁ;
ମାଗଣା ନୁହେଁରେ ବାନା !

ଏମିତି ଚିତ୍ରିତ ଗାଆଁ ପରିବେଶ
ଆବେଗେ ଆହ୍ୱାନ କରେ,
ସତରେ ରହିଛି ହୃଦୟ ଭିତରେ
ନୀତି ଆସେ ସପନରେ।

ମେଙ୍କିବୋଉ ଥିଲେ ମୁହଁ ଛାଟିଥାନ୍ତା
ବଣୁଆ ଆସିଛି ଫେରି,
କହିକହି ପୁଣି ଆଦରି ନିଅନ୍ତା
ଗାଆଁରେ ଖାତିର ଭାରି।

ବାହା ମାସ ହେଲେ ଉଚ୍ଚ ପିଣ୍ଡା ପରେ
ବସନ୍ତି ମୋ ପରିବାର,
ଦକ୍ଷିଣୀ ନାଚନ୍ତି ଗଡ଼ମା ଫୁଟାନ୍ତି
ପାଲିଙ୍କିରେ ଆସେ ବର।

ଚକୁଳିଆ ପଣ୍ଡା ଡାକଦେଇ ଗାଏ
ଖଣ୍ଡେଇତ ଘର ବହୁ,
ଚାଉଳ ଆଞ୍ଜୁଳେ ଦିଅ ଗୋ ସହଜେ
ଶଙ୍ଖା ତୋ' ବଜର ହେଉ।

ଯୋଗୀ ପୁଅ ଗାଏ କେନ୍ଦରା ବଜାଇ
ଭଜୁକିରେ ରାମ ନାମ,
ଭଜି ନ ପାରିଲେ କୁଳଚନ୍ଦ୍ରମାରେ
ବାନ୍ଧି ନେବ କାଳ ଯମ।

ପିଣ୍ଡାରେ ବସି ମୋ ସାଆନ୍ତ ବୁଣୁଛି
ଜୁଣ ବରୁହାଁର ହେଂସ,
କେବେ ପୁଣି ଝୋଟ ବିଡ଼ାରୁ ଉଭାରେ
ବାଣୀ ଦଉଡ଼ିର କସ।

ବିଲରୁ ଆସିବ ଅଶିଣରେ ଧାନ
ମାଘରେ ଆସିବ ବିରି,
ଫଗୁଣରେ ମୁଗ କୋଳଥ ଆସିବ
ଅମାର ଉଠିବ ପୁରି।
ନଈରେ ହଗୁରା ଜାଲ ପକେଇଲେ
କେରାଣ୍ଡି ଖଙ୍କାରଖାଇ,
ଗଡ଼ିଆର କଉ ରାନ୍ଧି ଦିଏ ବୋଉ
ଆମ୍ବୁଲ ବେସର ଦେଇ।

ଖୁଦୁରୁକୁଣୀ କି ଗୁରୁବାର ଓଷା
ଗାଆଁର ପରବ ଭିନ୍ନ,
ରଜଦୋଳି ପୁଣି କୁଆଁର ପୁନେଇଁ
ଝିଅଙ୍କ ମନ ଉଚ୍ଛନ୍ନ।

ଭାଇ ନୁଆବୋଉ ଦାଦା ସାନବୋଉ
ବିଷୁଆ ନରିଆ ଜଡ଼ା,
ଏମାନଙ୍କୁ ନେଇ ଗାଆଁର ଜୀବନ
ଆଉ କି ଅଧିକା ଲୋଡ଼ା !

ସରପଞ୍ଚ ଯଦି କରେ ରାଜନୀତି
ରାତିରେ କାମୁଡ଼େ ବିଛା,
ଅଭାବେ ସ୍ୱଭାବ ଖରାପ ହେଲେବି
ସୁଧୁରିବା ପାଇଁ ଇଚ୍ଛା।

ଯେମିତି ବାହୁଛି ନଈରେ ନାଉରୀ
ସେମିତି ବହୁଛି ବାଆ,
କେଜାଣି କାହିଁକି ଏମିତି ଲାଗୁଛି
ଗାଆଁ ଏକମାତ୍ର ସାହା।

ଦାମନଯୋଡି, କୋରାପୁଟ, ଓଡ଼ିଶା



# କବିତା ତିନି ଜଣଙ୍କର

**ନିଶିକାନ୍ତ କହଲସିଂହ**

-- : ବାପାଙ୍କ କବିତା : --

ତୁମଠୁ ଶିଖି ମୋ'
କଲମୁ କବିତା
ଝରିଗଲା ଟୋପାଟୋପା,
ତେଲ, ଲୁଣର ସେ
କବିତା ଲେଖିବା
କେବେ ଶିଖାଇବ ବାପା ??

-- : ମାଆର କବିତା : --

କାଲି ଶୁଣିଥିଲି
ଅକାଳେ ସକାଳେ
ମାଆ ଗାଳି ଦାଣ୍ଡଧୂଳି,
ଆଜି ମୁଁ ଦେଖୁଛି
ତୋ' ମୁହଁର ଗାଳି
ଶହେ କବିତାରୁ ବଳି ।।

-- : ଈଶ୍ୱରଙ୍କ କବିତା : --

ଲେଖିବି ବୋଲି ମୁଁ
ତୁମରି କବିତା
ଜୀବନଟା ସରିଗଲା,
ତୁମ କବିତାର
ପ୍ରଥମ ପଦ ବି
ଅଧାଲେଖା ରହିଗଲା ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା



# ଭୋକ

**ସୌମ୍ୟାଶ୍ରୀ ପଣ୍ଡା**

ଜଠର ଜ୍ୱାଳା ଭୋକର ନିଆଁ
ନୁହେଁ ତା' ପାଇଁ ନୂଆ
ଲୁହର ଧାରେ ଭୋକ ତା' ମରେ
ଦୁଃଖ ତା' ନିତିଦିନିଆ।

ଭୋକ ଅନ୍ଧାର କରେ ନାରଖାର
ପେଟ ମାଗୁଛି ଦାନା
କୁନି ପ୍ରାଣକୁ ଯନ୍ତ୍ରଣା ବେଶୀ
ହୃଦ ଲୋଡ଼େ ଆଶ୍ୱାସନା।

ହାତ ମାଗୁଛି ଜୀବିକା ନିତି
ଲଭିବା ପାଇଁ ତୃପ୍ତି
ମନ ଚାହୁଁଛି କ୍ଷୁଧାରୁ କ୍ଷେମ
ପରାଣ ମାଗେ ଶାନ୍ତି।

ଜୀବନ ଏଠି ଯନ୍ତ୍ରଣା ନଇ
ବ୍ୟଥା ଅକାତ କାତ
ସଂଘର୍ଷ ଏଠି ଚିରାଚରିତ
ଭୋକ ମାଗୁଛି ଭାତ।

**ପ୍ରଧାନ ଶିକ୍ଷୟିତ୍ରୀ (ଓଡ଼ିଶା ଶିକ୍ଷା ସେବା)**
**ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କଟକ**

# ଖାସ୍ ତୁମ ପାଇଁ

ଡ. ସସ୍ମିତା ପଟ୍ଟନାୟକ

ନା... ଲୁହରେ ନୁହେଁ
ପ୍ରେମର ସାତ ରଙ୍ଗରେ
ଚିଠି ମୋ'ର ଓଦା
ଭାଗ ବାଣ୍ଟିଦେଲି ଜୀବନକୁ
ସୁଖ ସବୁ ତୁମର
ହସ ବି ତୁମର
ଆଉ ଦୁଃଖ ଓ ଯନ୍ତ୍ରଣା
ମୋ'ର ଅଧାକୁ
ମୋ' ଭାଗ୍ୟର ଅଧା....||

ନା....ଅପ୍ରାପ୍ତିରେ ନୁହେଁ
ପ୍ରାପ୍ତିର ଆଠ ରଙ୍ଗରେ
ମୋ' ହୃଦୟ ଛଳଛଳ,
ଭାଗ ବାଣ୍ଟିଦେଲି ସମୟକୁ
ସବୁ ମୂହୁର୍ତ୍ତ ତୁମର
ସବୁ ଭାବନା ତୁମର
ଆଉ, ବଳକା ଆୟୁଷ
ଅଧା ତୁମର......
ଅଧା ମୋ'ର........||

ନା....ନିରାଶରେ ନୁହେଁ
ଆଶାର ପାରିଜାତରେ
ମୋ' ଭାବନା ଭରପୂର,
ଭାଗ ବାଣ୍ଟିଦେଲି ସ୍ୱପ୍ନକୁ
ସବୁ ପ୍ରେମ ତୁମର.....
ସବୁ ଇଚ୍ଛା ତୁମର.....
ଆଉ, ବାକି ଚଲାବାଟ
ଅଧା ତୁମର.......
ଅଧା ମୋ'ର........||



# କଦମ୍ବର ଗୀତ

**ରମେଶ ମଙ୍ଗରାଜ**

ମାଟି ମଉସୁମୀ ମିଳନ ଲଗନେ
ଛାତିଏ ଆବେଗ ନେଇ
ହୃଦୟର କିଛି ଅକୁହା କଥାକୁ
ଲେଖୁଛି ତମରି ପାଇଁ ।୦।

ଏଇତ ବରଷା ଆସିବା ପାଇଁକି
ପାଗ ବାନ୍ଧିଲାଣି ପାଗ
ମନେପଡେ ମୋର ହଜିଲା ଅତୀତ
ତମ ପ୍ରେମ ଅନୁରାଗ
ଯାଇଛ ତ' ତମେ ବରଷା ସହିତ
ମୋତେ ପ୍ରତିଶ୍ରୁତି ଦେଇ ।୧।
ମାଟି ମଉସୁମୀ........

ଚାହିଁ ମୁଁ ବସିଛି ଫେରିବା ବାଟକୁ
ସାଇତି ତମରି କଥା
ଆସିଲେ କହିବି ତମ ବିନା ସତେ
ସହିଛି କେତେ ମୁଁ ବ୍ୟଥା
ମଉସୁମୀ ସହ ଫେରିବ ଗୋ' ପ୍ରିୟା
କଦମ୍ବର ଗୀତ ଗାଇ ।୨।
ମାଟି ମଉସୁମୀ.......

**କବି ଓ କବିତା ଭବନ,
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା**

# ଇଚ୍ଛା ହୁଏ

କୁମାର ଶୁଭକାନ୍ତ

ଇଚ୍ଛା ହୁଏ ତୁମସାଥେ
ମିଶିଯିବା ପାଇଁ
ତୁମ ମନ ଆକାଶ ଛାତିରେ
ହେଲେ.....
ସାହସ ପାଉନି ମୋ'ର
ମୁଁ ତ ଛୋଟ ତାରାଟିଏ ।।

ଇଚ୍ଛା ହୁଏ ତୁମସାଥେ
ମିଶିଯିବା ପାଇଁ
ତୁମ ମନ ସାଗର ବେଳାରେ
ହେଲେ......
ସାହସ ପାଉନି ମୋ'ର
ମୁଁ ତ ମରୁଝରଟିଏ ।।

ମୋ : ୬୩୭୦୪୩୩୨୬୩



# ଝରା ଶିଶିରର ଗୀତି......

ସୁକାନ୍ତି ମିଶ୍ର

ଆଙ୍କି ପାରନ୍ତି କି ଏମିତି ପାହାଡଟିଏ
ରଙ୍ଗ ତୂଳୀ ମୋର ସରାଗରେ ହାତେ ଧରି ...!!
ଏ ମନର ଯେତେ ଅବସାଦ,ଅବଶୋଷ
ଝରଝର ଝରି ଯାଆନ୍ତା ତା'ଛାତିଚିରି....!!
ଲୋଡିବାପଣରେ ଅଭିମାନ ଯେତେ ତୋଳି
ବହିଯାଉଥାନ୍ତା ଛଳଛଳ ଜଳଧାରେ....!!
ନୂପୁର ଛନ୍ଦେ ତା ଭାବନାକୁ ମୋର ଗୁନ୍ଥି
ହଜିଯାଆନ୍ତା ସେ ନିଦହଜା ଅଭିସାରେ.....!!

ଘଡିଏ ଅଟକି ରହିଯାଆନ୍ତା କି ଜହ୍ନ
ଚିଟାଉ ଖଣ୍ଡିଏ ଦିଅନ୍ତି ତା  ହାତେ ଲେଖି.....
ଅନେଇ ରହନ୍ତି ଫେରି ଆସିବାର ବାଟ
କାଳେ ପାରିବିନି ତୁମକୁ ମୁଁ ଆଉ ଦେଖି ....!!
ସିମିତିକା ଜହ୍ନ ରହିଥିବ ଆଗପରି
ନ ଥିବ ତ ତୁମେ ମୁଁ ବି ନ ଥିବି ଆଉ.....
ଝରୁଥିବ ପ୍ରୀତି ଝରା ଶିଶିରର ଓଠେ
ପବନରେ ଗୋଟେ ଭାସି ଆସୁଥିବ ଉଃ.....!!!!!

ସାରସ୍ୱତ ନଗର, ପୁରୀ



# ଦରକାର ନାହିଁ

ବୈଦ୍ୟନାଥ ଖିଲାର

ତୋ' ଓଠରୁ ପିଉଛି ମୁଁ
ପିଆଲାର
ଦରକାର ନାହିଁ,
ତୋ' ଓଠ ପିଆଲା ପରି
ପ୍ୟାଲା କାହିଁ
ବରାବର ନାହିଁ ||୦||

ମୁଁ ମାନିଛି ଏ ସଂସାରେ
ତୋ' ପରି କେ
ଅପସରୀ ନାହିଁ,
ତୋ' ଠାରୁ ବେଶି ସୁନ୍ଦରୀ
କେହିଜଣେ
ଦରକାର ନାହିଁ ||୧||

ତୋ' କେଶର କାଳିମାରେ
ହଜିଛି ମୁଁ
କେହି ପାଏନାହିଁ
ମୋତେ ଲୁଚାଇବା ପାଇଁ
ଏମିତିକା
ଅନ୍ଧକାର ନାହିଁ ||୨ ||

ଅନେକ ବିଚିତ୍ର ଚିତ୍ର
ଦେଖିଛି ମୁଁ
ଏ ମହି ମଣ୍ଡଳେ
ତୋ' ଠାରୁ ଅଧିକ କିଛି
ଏ ସୃଷ୍ଟିରେ
ଚମତ୍କାର ନାହିଁ ||୩||

'ରିନ୍ଦ' ମୁଁ ପାଇଛି ତୋତେ,
ମୋ'ର କିଛି
ଅହଙ୍କାର ନାହିଁ
ତୋ' ବିନା ଏ ସଂସାରରେ
ଜୀବନ ବି
ଦରକାର ନାହିଁ ||୪||

ଶଙ୍କରପୁର, ଚାରବାଟିଆ, କଟକ



# ସୀମାଞ୍ଚଳ ବରାହ ନୃସିଂହ

**ଦିବାକର ନାୟକ**

ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି
"ନିତ୍ୟ ରୂପ" ଦର୍ଶନ କରି ସକଳ ଜନ
ମୁକତି ଲଭନ୍ତି କରି ଆରତି (୦)

ସ୍ନାନ କଲେ କେଶ ମୁଣ୍ଡନ ପରେ
କୋଟି ପାପ ଧୋଇ ହୁଏ
ଗଙ୍ଗାଧାରେ
ମନ୍ଦମନ୍ଦ ସମୀର
ସାଜି ନିଜେ ଚାମର
ତବ ସେବା କରେ ନାହିଁ ବିରତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୧)

କରି-ଅରି-ଗିରି-ଶିରୀ ତୁମେ ନାଥ
ଅଦେଖା ଶ୍ରୀପଦେ ନତ ମୋର ମାଥ
ସହସ୍ର ନାମ ବେଳେ
ପ୍ରହ୍ଲାଦ ଭାବ ଭୋଳେ
କି ଆନନ୍ଦ ମୋର ସିଂହାଦ୍ରି ପତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୨)

ଚିତ୍ତ-ଚେତନା ମୋ ତୁଳସୀର ହାର
ନବଧା ଭକ୍ତି ମୋ ସୁଗନ୍ଧି କର୍ପୂର
ପ୍ରାଣ-ମଲ୍ଲୀ-ଚମ୍ପକ
ତବ କୃପା-ମହକ
ଲଭି ହସି ଉଠୁ ହୃଦେ ସାଇତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୩)

ସୁନ୍ଦର ମନ୍ଦର ସବୁଜ ପାଚେରୀ
ନୀଳ ତରୁ ଲତା ଛାୟା-ସେବାକାରୀ
ସପୁରୀ ନାରୀକେଳ
ଆମ୍ର ପଣସ ଫଳ
ତୁମ ଭୋଗ ଲାଗି ନିତି ହୁଅନ୍ତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୪)

ବଇଶାଖ ଶୁକ୍ଳ ଅକ୍ଷି ତୃତୀୟାରେ
ତବ "ନିଜ ରୂପ" ବରଷକୁ ଥରେ
ଦର୍ଶନେ ଚକ୍ଷୁ ଧନ୍ୟ
ସୁଲଭ ମହାପୁଣ୍ୟ
ଅତୁଳ ସୌଭାଗ୍ୟ କାହିଁ ଏମିତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୫)

ବରାହ ନୃସିଂହ ନେଇ ଅବତାର
ସିଂହାଦ୍ରି ଶିଖରେ ପାଳୁଛ ସଂସାର
କୋଟିଏ ତୀର୍ଥ ଫଳ
ଦିଏ ଏ ଭୂମଣ୍ଡଳ
ସୀମାଞ୍ଚଳ ନାମେ ଜଗତେ ଖ୍ୟାତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୬)

ମନ୍ଦିର ବେଢ଼ାରେ ଲକ୍ଷ୍ମୀ କାମେଶ୍ୱରୀ
କେତେ ଦେବାଦେବୀ କିନ୍ନର କିନ୍ନରୀ
ଶିରେ ପାଦୁକା ଛୁଆଁ
କରେ ପାଦୋକ ପିଆ
କପାଳେ କୁଙ୍କୁମ ଅପୂର୍ବ ଜ୍ୟୋତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୭)

ମାଟିର ମରତେ ଏଯେ ବଇକୁଣ୍ଠ
ଗୋବିନ୍ଦା ଗୋବିନ୍ଦା ନିତି ମୁଖରିତ
ଭକ୍ତଙ୍କ ଆତଯାତ
ଲୀଳାର ନାହିଁ ଅନ୍ତ
ନରସିଂହ ସ୍ୱାମୀ ଘେନ ମିନତି..
ସୁର ନର ବନ୍ଦିତ ଗନ୍ଧସାର ଚର୍ଚ୍ଚିତ
ଚିର ଅଭିନବ ଶ୍ୱେତ ମୂରତି (୮)

**ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ**



# ତୁମେ ଗଲାପରେ

**ସତ୍ୟନାରାୟଣ ମଲ୍ଲିକ**

ତୁମେ ଗଲାପରେ ତୁମ ପ୍ରତୀକ୍ଷାରେ
ତୁମ ପାଇଁ ଝୁରେ ନିତି
ଦେହ ମନ ଜଳେ ଗୋଲାପି ଶେଯରେ
ଫୁଲ ବିଞ୍ଚା ମିଠାରାତି ॥

ଫେରିଯାଏ ଜହ୍ନ ଆକାଶ ଆଖିରୁ
ରୂପେଲି ଜୋଛନା ଢାଳି
ଛପିଛପି ତୁମେ ଆସନି ସ୍ୱପ୍ନରେ
ଝରିପଡ ଲୁହ ଭଳି ॥

ପାହିଯାଏ ରାତି ଆସେ ପ୍ରଜାପତି
ବଗିଚାରେ ଭିଡ଼ ଭାରି
ଫଗୁଣ ଫୁଲର ଓଠରୁ ଚୋରାଏ
ମିଠା ମହୁ ମନ ଭରି ॥

ମାଟିର କାନ୍ଥରେ ହାତ ଅଙ୍କା ଛବି
ମୋତେ ଲାଗେ ତୁମ ପରି
ଭାବି ତୁମ କଥା ଲେଖେ ମୁଁ କବିତା
ବିରହରେ ମରିମରି ॥

...... ...... 



# ଜୀବନର ଗତି

**ଅଞ୍ଜଳି ଦାସ**

ସବୁ ଲୁହଟୋପା କହି ପାରେନାହିଁ
ଅନ୍ତର ଆବେଗ କଥା
ସବୁ କୋହ କେବେ ଦେଇ ପାରେନାହିଁ
ଦୀର୍ଘ ଅସହାୟ ବାର୍ତ୍ତା।
ସବୁ ମନ ମଧ୍ୟ ସଫେଦ ନୁହଁଇ
ବିଷାଦ ବି ଅଛି କିଛି
ସବୁ ଦିନ ସତେ ସମାନ ନଯାଏ
ଭଲମନ୍ଦେ ବିତୁଅଛି।
ସ୍ୱାଗତ ବି କେବେ ମାପିପାରେ ନାହିଁ
ଆନନ୍ଦର ସୀମା କେତେ
ବିଦାୟ ବି କେବେ ପ୍ରକାଶି ନପାରେ
ତୀବ୍ର ପ୍ରତିକ୍ରିୟା ଯେତେ।
ମନ ଆକାଶଟା ବେଳେବେଳେ ପୁଣି
କଳାମେଘ ତଳେ ଲୁଚିଯାଏ
ଚାହିଁଲେ ବି ତାହା ଅସ୍ପଷ୍ଟ ଲାଗଇ
ଜୀବନର ଗତି ଇଏ।

**ପାଟଳଦା, ଅସ୍ତରଙ୍ଗ, ପୁରୀ**

# ଗଜଲ୍ କଲିଜାକୁ ଜାଳିଦେଲୁ

ତାରାପ୍ରସାଦ ଜେନା



ମୁଚୁକୁନ୍ଦ ହସ ହସିଲୁ ମୋ ଆଗେ କଲିଜାକୁ ଜାଳିଦେଲୁ
ଲୁହ ପିଆଲାରେ ଦୁଃଖ ମୁଁ ପିଉଛି
କଲିଜାକୁ ଜାଳିଦେଲୁ ! ୦ !

ଭାବିଥିଲି ଯାହା ମନ ତଳ ସାକ୍ଷୀ ମରିବାକୁ ଗାଳିଦେଲୁ
ଏଡ଼େ ଅସହଣୀ ତତେ ମୁଁ ଦେଖୁଛି
କଲିଜାକୁ ଜାଳିଦେଲୁ ! ୧ !

ଘର ଗଢ଼ିବାକୁ ଘର ଭାଙ୍ଗିଦେଇ ଦୋଷତକ ଢାଳିଦେଲୁ
ସୁଖ ଫାଇଦାରୁ ବଞ୍ଚିତ ହୋଇଛି
କଲିଜାକୁ ଜାଳିଦେଲୁ ! ୨ !

ଇଜ୍ଜତକୁ ମୋର ନିଲାମ ତୁ କରି ଅପଦସ୍ତ କରିଦେଲୁ
ଜୀବନ ନାଟିକା ଛାଡ଼ିବା ଲାଗୁଛି
କଲିଜାକୁ ଜାଳିଦେଲୁ ! ୩ !

'ତାରା' ଭାବ ଲାଭ ମାନିଲୁନି ହାଏ ମୋର ସାଥେ ଛଳ କଲୁ
ଦୁନିଆ ଦାଣ୍ଡରେ ଶାନ୍ତି ମୁଁ ଖୋଜୁଛି
କଲିଜାକୁ ଜାଳିଦେଲୁ ! ୪ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼



# ସୁଖ ସଂପର୍କ

**ଜିତେନ୍ଦ୍ର କୁମାର ନାୟକ**

ପ୍ରୀତିର ପସରା ନେଇ
ଫଗୁଣରେ ଆସିଛି ବସନ୍ତ
ଭାର୍ଗବୀ ତଟରେ ମୃଦୁ ହାଓ୍ୱା
ତୁମର ବି ବେଶ୍ ଖୋଲା ଛାତ
ଶଙ୍ଖଚୂଡ଼ ଡହ ତଳେ
ଭାଡିଭାଡି ତାରାର ରୋଷଣୀ
ଜୁଆରିଆ ନଈରେ ବି
ସ୍ୱଚ୍ଛ-ନୀଳ କାଚକେନ୍ଦୁ ପାଣି।
ଚାଲିଆସ ସଖା...... ତୁମେ,
ପିଇବା ଓ ପହଁରିବା......
ମନଇଚ୍ଛା ଲହଡି ଭାଙ୍ଗିବା......
କଦବା କେମିତି ଅଚାନକ
ବନ୍ୟା ପାଇଁ ସତର୍କ ରହିବା।
ତଥାପି ସଙ୍ଖୋଳି ନେବା......
ପରସ୍ପର ସୁଖ ଓ ସଂପର୍କ
ବାଣ୍ଟିନେବା  ଭୁଲି ନିଜ ନିଜ ଦୁଃଖ।

**ସାକ୍ଷୀଗୋପାଳ, ପୁରୀ**

# ପ୍ରେମ କାହାଣୀ

**ଆଶୁତୋଷ ମେହେର**



କିଛି କାହାଣୀ ତ ମନରୁ ଉତୁରେ
ହୃଦୟ ଭିତରେ ଲେଖା,
ପ୍ରେମ  ଯେଉଁ ପରି କଅଁଳି ହସଇ
ପ୍ରଥମ ଆଖିର ଦେଖା......||୦||

ନାୟକ ନାୟିକା ନୀରବତା ସୁରେ
ଗାଆନ୍ତି ସେ ଯେଉଁ ଗୀତ,
ମନ ଅଣୁକୋଣେ ସୁଶୀତଳ ଛାଇ
ପାଖେ ଥିଲେ ପ୍ରାଣମିତ,
ସେ ସବୁକୁ ନେଇ ଆମ ଗପ ସରେ
ଜୀବନ ଚୌହଦେ ସଖା......||୧||

ଗପରେ ଉତୁରେ ଜୀବନ ବତୁରେ
ସୁଖ ଦୁଃଖ ହସ କାନ୍ଦ,
ଫେଣ୍ଟାଫେଣ୍ଟି ସବୁ ସ୍ୱର ମାଜି ହୁଏ
ପୀରତି ମଧୁର ଛନ୍ଦ,
ଯୁଗ ଯୁଗ ଧରି ଗୋଟାଏ କାହାଣୀ
ଭିନ୍ନ ଭିନ୍ନ ରଙ୍ଗେ ଛପା.....||୨||

୫୪, ଆର୍ଯ୍ୟପଲ୍ଲୀ, କିଟଛକ,
ପଟିଆ, ଭୁବନେଶ୍ୱର



# ହାରିବାନି କେବେ ଜୀବନରେ

**ବାସନ୍ତୀ ଦେଈ**

ଜୀବନ ଅଟଇ ଲମ୍ବା ଚଲାପଥ
ଥକିଯିବା ନାହିଁ କେବେ ହେଲେ,
ସତ୍ୟ, ନ୍ୟାୟ, ଧର୍ମ ପଥ ଆଶ୍ରା କରି
ବଢିବା ଆଗକୁ ଜୀବନରେ । ୧ ।
ଜୀବନଜଞ୍ଜାଳ ମାୟା ଘୋରବନ
ପାରି ହେବା ଆମେ ଅକ୍ଲେଶରେ,
ପ୍ରଭୁନାମ ଗୋଟି ହୃଦୟେ ଧାୟିଲେ
ଆଲୋକ ଶିଖା ସେ ଅନ୍ଧକାରେ । ୨ ।
ହୁଡିବନି ପଥ ମାଡିବନି କଣ୍ଟା
ବିତିବ ଜୀବନ ଆନନ୍ଦରେ,
ସାହସ ଶକତି ଶାନ୍ତି ସଦଗତି
ପ୍ରାପତ ହୋଇବ ଜୀବନରେ । ୩ ।
ଦୃଢ ବିଶ୍ୱାସ ଓ ଆତ୍ମବଳ ସହ
କର୍ତ୍ତବ୍ୟ କରିବା ଆନନ୍ଦରେ,
ହାରିବା ଜିତିବା ଜୀବନ ଖେଳରେ
କର୍ମଫଳ ହାତ ପାହାନ୍ତାରେ । ୪ ।
ସମ୍ପଦେ ବିପଦେ ଧୈର୍ଯ୍ୟ ଆମ ବଳ
ଦୁର୍ବଳ ନ ହେବା ହୃଦୟରେ,
ନିଷ୍ଠା ଓ ଉଦ୍ୟମ ରହିଲେ ସର୍ବଦା
ହାରିବାନି କେବେ ଜୀବନରେ । ୫ ।

ଖୋର୍ଦ୍ଧା

# ପରିବର୍ତ୍ତନର ସ୍ୱର..



**କିଶୋର ଚନ୍ଦ୍ର ପ୍ରଧାନ**

କେଉଁ ଦିନରୁ ସମୟ ସ୍ରୋତରେ
ଭାସି ଯାଇଛି ଅତୀତ !
ଚନ୍ଦ୍ରଗୁପ୍ତଙ୍କ ଶାସନକାଳରୁ
ସମ୍ରାଟ ବିମ୍ବିସାର,
ଚଣ୍ଡାଶୋକରୁ ଧର୍ମାଶୋକ,
ହିଂସାରୁ ଅହିଂସା ଯାଏଁ...
ଲମ୍ବି ଚାଲିଛି ଘଟଣାବଳୀ
ବିଶାଳ ଭାରତୀୟ ସଭ୍ୟତା...!

ମୋଗଲ ମରହଟ୍ଟା,
ଇଂରେଜଙ୍କ ଏକଛତ୍ର ଶାସନ,
କେତେ କେତେ କ୍ରାନ୍ତିକାରୀ...
ବୀର ଜନ୍ମିଛନ୍ତି ଏଠି
ମାତୃଭୂମି ପାଇଁ ଢାଳି ମନପ୍ରାଣ
ତିଳତିଳ କରି
ଦେଇ ବଳିଦାନ,
ରଖିଥିଲେ ମାଟି ମାଆର ଟେକ..!

ହିରୋସୀମା ନାଗାସାକିରୁ
ପାକିସ୍ତାନ ବର୍ଡର,
ଚୀନର ଲାଲ୍ କରିଡରରୁ
ଆମେରିକୀୟ ବର୍ଣ୍ଣ ବୈଷମ୍ୟ
ଯୁଦ୍ଧ ପରେ ଶାନ୍ତି,
ଘଟଣାବଳୀର ଫର୍ଦ୍ଦ ଫର୍ଦ୍ଦ ତାଲିକା..
ବିଶ୍ୱ ଜଗତକୁ ଦେଖାଇଥିଲା ଦିନେ
ବଞ୍ଚିବାର ନୂତନ ମାର୍ଗ..!

ଗାନ୍ଧୀବାଦ ଆଜି କବର ତଳେ !
ବୌଦ୍ଧଧର୍ମ ଲୁପ୍ତପ୍ରାୟ,
ଶତଶତ ଚଣ୍ଡାଶୋକ
ଦୟାନଦୀ ତୀରେ ଅପେକ୍ଷିତ
ଧଉଳିଗିରିରୁ ଶୁଭୁଚି
ବୁଦ୍ଧମ୍ ଶରଣମ୍ ଗଚ୍ଛାମିର ସ୍ୱର !
ଶାନ୍ତିସ୍ତୁପ ଠାରେ ଧ୍ୟାନମଗ୍ନ
ନାଥୁରାମ ଗଡସେ ଆଜି ଅନୁତପ୍ତ...!

ହେଇ..ଚୀନ ସୀମାନ୍ତରୁ ଶୁଭିଲାଣି
କୋରନା ପରବର୍ତ୍ତୀ ପରିବର୍ତ୍ତନର ସ୍ୱର..
କାଶ୍ମୀର ମଥାରୁ ଦିଶିଲାଣି
ବିକାଶର ଶତଶତ ଆଲୋକର ଚିହ୍ନ
ମୌନଭଙ୍ଗ ହୋଇନାହିଁ ଋଷିଆର
ଯୁଦ୍ଧମ୍ ଦେହୀର ଡାକରାରେ ବିଶ୍ୱ ଥରହର
ଜାପାନ କରିବ ମଧ୍ୟସ୍ଥି ଗ୍ରେଟ୍ ବ୍ରିଟେନରେ
ଆୟୋଜିତ ହେବ ବିଶ୍ୱ ସମ୍ମିଳନୀ
ଅଚିରେ ଲାଘବ ହେବ କି ତୃତୀୟ ବିଶ୍ୱ ମହାଯୁଦ୍ଧ..!

**ମାଲକାନଗିରି**

# ସାବିତ୍ରୀ ବ୍ରତ



**କୈଳାଶଚନ୍ଦ୍ର ପାଢ଼ୀ**

ପବିତ୍ର ସାବିତ୍ରୀ ବ୍ରତ ଆଜିପରା
ବିବାହିତା ନାରୀଙ୍କର,
ପ୍ରତିବର୍ଷ ଏହା ପାଳନ କରନ୍ତି
ପରମ୍ପରା ସମାଜର ।
ପୁରାଣେ ବର୍ଣ୍ଣିତ ଯମରାଜଠାରୁ
ନିଜ ମୃତ ସ୍ୱାମୀଙ୍କର,
ଜୀବନ ଫେରାଇ ଆଣି ପାରିଥିଲେ
ସାବିତ୍ରୀ ପାଇଣ ବର ।
ସତୀ ପତିବ୍ରତା ଗୁଣରେ ଯମଙ୍କୁ
ସାବିତ୍ରୀ ହରାଇ ଦେଲେ,
ଶତ ପୁତ୍ରବତୀ ହୋଇଯାଇ ସେତ
ଯଶ କୀର୍ତ୍ତି ରଖିଗଲେ ।
ଆଜିକାର ବିବାହିତା ମହିଳାଙ୍କୁ
କରୁଛି ମୁଁ ନିବେଦନ,
ପତିପଦେ ଭକ୍ତି ରଖି ପତିବ୍ରତା
ଧର୍ମ କରନ୍ତୁ ପାଳନ ।
ଶଙ୍ଖା ଓ ସିନ୍ଦୂର ପିନ୍ଧିଦେଲେ ଖାଲି
ନୁହଇ ସେ ପତିବ୍ରତା,
ପତି ବାକ୍ୟ ମାନି କର୍ମ କରିଯାଅ
ଭାବି ସେ ଭାଗ୍ୟବିଧାତା ।
ପତିପତ୍ନୀ ଦୁହେଁ ନିଜନିଜ ଧର୍ମ
ପାଳନ କରିବେ ଯେବେ ,
ସ୍ୱର୍ଗପରି ସେହି ପରିବାର ଗୋଟି
ହସି ହସାଇବ ତେବେ ।
ପତିଙ୍କର ଧନସମ୍ପତ୍ତି କଥାରେ
ନ ରଖି ନିଜ ଭାବନା ,
ତାଙ୍କ ପ୍ରତି ନିଜ କର୍ତ୍ତବ୍ୟ କରିଲେ
ହୋଇଯିବ ପତ୍ନୀସୁନା ।
ଯେଉଁ ନାରୀ ନିଜ ପତିଙ୍କୁ ନ ମାନି
ହତାଦର କରି ଯାଏ ,
ଭଗବାନ ତାକୁ କ୍ଷମା ନ କରନ୍ତି
ନିଶ୍ଚେ ନର୍କଗତି ପାଏ ।
ଆଜିର ଦିନକୁ ସଂକଳ୍ପ ଦିବସ
ଭାବି ନିଜ କର୍ମ କର ,
ପତିଙ୍କର ହାତ ଧରି ଚାଲୁଥିଲେ
ହସିବ ସୁନା ସଂସାର ।

**ସମ୍ପାଦକ , ଉତ୍କଳ ସମ୍ମିଳନୀ**
**କନ୍ଧମାଳ ଜିଲ୍ଲାଶାଖା**
**ବାଲିଗୁଡ଼ା**

# କୃଷକ

**ମହେଶ୍ୱର ସାହୁ**



ସେ ଅନ୍ନଦାତା ସେ ମାଟିର ମଣିଷ
ମାଟି ମା' ର କୋଳରେ ତାର ଭିନ୍ନ ଏକ ସ୍ଥାନ
କାଳେକାଳେ ତାର ସରଳ ଅଭାବୀ ଜୀବନ
ଝାଟିମାଟିର ଘର ଅବା ଇନ୍ଦିରା ଆବାସ
ତା'ରି ଭିତରେ ତା'ର ଶାନ୍ତି ଆଉ ସୁଖନିଦ୍ରା
ସେ ଆମ ଭାଇବନ୍ଧୁ କଷ୍ଟସହିଷ୍ଣୁ ମଣିଷଟିଏ ||୧||

ତାକୁ ଜ୍ୱର ହେଲେ ସେ ମନ୍ଦିର ଯାଏ
ସବୁବେଳେ ତାର ପକେଟ ଖାଲି ଥାଏ
ଖୋଲା ଆକାଶ ତଳେ ପ୍ରକୃତିକୁ ସାକ୍ଷୀ ରଖି
ସେ ନିରନ୍ତର ଅକ୍ଳାନ୍ତ କର୍ମ କରିଚାଲେ
କେବେ କିଛି ଫଳ ମିଳେ କେବେ ପୁଣି ...
ତାକୁ ହତାଶ ଆଉ ନିରାଶ ହେବାକୁ ପଡେ ||୨||

ସେ ତରକାରୀରେ ସ୍ୱାଦ ଖୋଜେନା
ଭାତ ସହ କିଛି ବି ମିଳିଗଲେ ତା'ର ଆନନ୍ଦ
ତା'ରି ଲାଗି ସବୁ ସବୁଜିମା ସୁନ୍ଦର ଏ ଧରା
ଶାଗମୁଗ ଅବା ଯେତେ ସବୁ ପନିପରିବା
ସବୁ ତାରି ଝାଳ ବୁହା ପରିଶ୍ରମର ଉପହାର
ତା'ର ମୂଲ୍ୟ ବୁଝିବା କଷ୍ଟସାଧ୍ୟ ବ୍ୟାପାର
ସେ  ନିଜେ ହିଁ ତା'ର ସର୍ବଶ୍ରେଷ୍ଠ ପୁରସ୍କାର ||୩||

**ଉପ ନିର୍ଦ୍ଦେଶକ,ଓସେପା**



# ପ୍ରଣୟିନୀ ନିରିମାଖି

**ବେଣୁଧର ସୂତାର**

ପ୍ରୀତି ପୁଲକର ଲହରି ଛନ୍ଦେ
ଚୋରା ଚଇତାଳି ମଳୟ ଗନ୍ଧେ
ଯାଦୁର ଚମକ ମାଖି
ନୟନ ତୀରେ ମୋ କୁହୁକ ଚିତ୍ର
ପ୍ରୀତି ସମ୍ମୋହନେ ଶିହରେ ଗାତ୍ର
ସପନ ଭରା ଏ ଆଖି ।।
ନୀଳ ଆକାଶର ଜ୍ୟୋସ୍ନା ଲହରି
ମଲ୍ଲୀକା ମହକ ସୁରଭି ହରି
ବୟସୀ ଜୋଛନା ରାତି
ଉତ୍ତାଳ ମୋର ଏ ମାନସ ପଟେ
ପୁଲକିତ ତନୁ ଚହଲି ଉଠେ
ରଙ୍ଗିଲା ଫଗୁଣ ପ୍ରୀତି ।।
ଗୋଧୂଳି ରଙ୍ଗର ଗୋଲାପୀ ଓଠେ
ମିଠା ସପନର ତଟିନୀ ତଟେ
ପ୍ରୀତିଫୁଲ ଚାରୁ ହସେ
ଚହଲାଇ ଦିଏ ତାରୁଣ୍ୟ ମନ
ମାତବରୀ ଏଇ ଚାରୁ ସପନ
କଳ୍ପିତ ପ୍ରଣୟ ରାସେ ।।
ଅନୁଢା ବୟସ ଅଳସ ଆଖି
ପ୍ରଣୟର ଭାଷା ଦେଉଛି ଲେଖି
ନୀଳରାତି ନୀଳ ପ୍ରୀତି
ରୂପ ମାଧୁରୀ ମୁଁ ରମଣୀ ରମ୍ୟା
ଲଳିତ ଲଲାମ ତନୁଶ୍ରୀ ସୌମ୍ୟା
ନିଶିଥର ଫୁଲମତୀ ।।

ଅମୃତ ପ୍ରେମର ବିମୁଗ୍ଧ ଧାରା
ଅନୁରାଗ ବୋଳା ପ୍ରୀତିପସରା
ପ୍ରୀତିମୟ ସୁଧା ପାତ୍ରେ
ପ୍ରେମ ପ୍ରତିଶ୍ରୁତି ପ୍ରଣୟ ଗୀତି
ମଧୁ ଯୌବନର ମୋହନ ସ୍ମୃତି
ମୋ ହୃଦୟ ମାନଚିତ୍ରେ ।।
ପ୍ରୀତି ବିଭାବରୀ ଜୋଛନା ଫାଙ୍କେ
ପ୍ରେମ ପ୍ରଣୟର ସପନ ଆଙ୍କେ
ଉନ୍ମାଦନା ଭରେ ଅଙ୍ଗେ
ରୋମାଞ୍ଚିତ ତନୁ ତନ୍ମୟ ମନ
ପ୍ରୀତ ଅନୁରଗୀ ନବ ଯୌବନ
ନବ ଅଭିସାର ରଙ୍ଗେ ।।
ଆସ ପ୍ରିୟତମ ଲୋଡ଼ଇ ଦାସୀ
ପ୍ରୀତିମୟ ହେଉ ନିବିଡ଼ ନିଶି
ପବିତ୍ର ବନ୍ଧନ ସାକ୍ଷୀ
ପ୍ରୀତିମଧୁ ଢାଳି ଅଧର ପାତ୍ରେ
ସପନେ ଝୁମିବା ନିଝୁମ୍ ରାତ୍ରେ
ମୁଁ ପ୍ରଣୟିନୀ ନିରିମାଖି ।।
ସପନ କୁମାର ଆସ ମୋ ଆସ
ସପନେ ରଚିବା ଅମିୟ ରାସ
ଯାମିନୀ ଯାଉଛି ସରି
ଗୋପନ ପ୍ରୀତିର ସୁହାଗ ରାତି
ପ୍ରୀତିରେ ଲେଖିବା ମଧୁର ସ୍ମୃତି
ସାଜିବି ମୁଁ ଅଭିସାରୀ ।।

**କେଶଦୁରାପାଳ କେନ୍ଦୁଝର**



# ସମୟ

**ବସନ୍ତ କୁମାର ସାହୁ**

ଚକ ଗଡ଼ିଗଲେ ବାର ହାତ ସିନା
ସମୟ ର ଚକତଳେ
ଭାଗ୍ୟ ସାଥେ କିଏ ଗରବ କରିବ
ଅସ୍ତଗାମୀ ସୂର୍ଯ୍ୟ ଚଳେ।।
ସମୟର ସ୍ରୋତ ପ୍ରଖର ଗତିରେ
ଗଡି ଚାଲେ କାଳ ବଳେ
ଦୁଃଖସୁଖ ଭୋଗ ନିୟତି ଲେଖନ
ଲେଖି ଅଛି ଭାଲପଟେ।।
ରାତି ପାହିଥିଲେ ବନବାସେ ରାଜା
ଅଯୋଧ୍ୟାର ସିଂହାସନ
ଭଗାରି ସାଜିଲା ରାମଶୂନ୍ୟ ହେଲା
ହେଲା ପିତାଙ୍କ ନିଧନ।।
କାଳ କ୍ରୁର ଗତି ବିଶ୍ୱଯୁଦ୍ଧ ଗତି
ବିନା ଯୁଦ୍ଧେ ଛୁଞ୍ଚି ଅଗ୍ର
ବିନାଶ ଆଣିଲା ମାନେ ଦୁର୍ଯ୍ୟୋଧନ
ଆପଣିଲେ ଭୁଲ ମାର୍ଗ।।
ଦ୍ରୌପଦୀଙ୍କ ଅଗ୍ନି ଲୁହେ ଦଗ୍ଧିଭୂତ
ଗାନ୍ଧାରୀର ଅଭିଶାପ
ଭଗବାନ କୃଷ୍ଣ ଦ୍ୱାରିକା ବିନାଶ
ଜର୍ଜରିତ ଅନୁତାପ।।

ଦେଉଳି, ଖୋର୍ଦ୍ଧା

# ସ୍ତ୍ରୀ ଧର୍ମ (ଭାଗବତ ରୁ ଉଦ୍ଧୃତ)

ଡଃ ଚପଳା ପଣ୍ଡା



ସ୍ତ୍ରୀ ଧର୍ମ ନେଇ କେତେ ନୀତି ଯୁକ୍ତି
ଭାଗବତେ ଉଲ୍ଲିଖିତ,
ବଖାଣ କରିଲେ ସ୍ତ୍ରୀ ଜାତି ସବୁ
ଭାବିବେ ପୁରୁଷ କୃତ।
ଜଗନ୍ନାଥ ଦାସ ଯାହା ଲେଖିଛନ୍ତି
ମାନିବେକି ସ୍ତ୍ରୀ ଜାତି,
କାୟ ମନ ବାକ୍ୟେ ପବିତ୍ର ଓଁ କାର
ଉଚ୍ଚାରିବେ ବୃହସ୍ପତି।
ହିଂସା କ୍ରୋଧ ମିଥ୍ୟା ପାପ ଆଚରଣ
ଆମିଷ ଭୋଜନେ ଘୃଣା,
ଦୁର୍ଜନ ସହିତ ଆଳାପ ସଂଳାପ
ଅଧିକ ବଚନ ମନା।
ଅସମ୍ଭାଳ ହୋଇ ବାହାରକୁ ଯିବା
ଉଲଗ୍ନେ ଶୟନ ଅବା,
ସନ୍ଧ୍ୟାକାଳେ କେଶ ନ ଖୋଲିବା ଆଉ
ଗୋଡ଼ ଧୋଇ ନ ଶୋଇବା।
ଧବଳ ବସ୍ତ୍ରକୁ ପରିଧାନ ସହ
ଶୁଚିବନ୍ତ ତପ ଯୋଗ,

ଦ୍ବାଦଶ ଅକ୍ଷର ମନ୍ତ୍ର ଉଚ୍ଚାରଣ
ପ୍ରାତଃ କାଳେ ଶଯ୍ୟା ତ୍ୟାଗ।
ସ୍ୱାମୀରେ ଭକତି ଗୁରୁ ବ୍ରାହ୍ମଣଙ୍କୁ
ଅତିଥି ଦେବତା ଭାବି,
ବିଷ୍ଣୁଙ୍କୁ ସ୍ମରଣ ପୁରାଣ ପଠନ
ଶ୍ରବଣରେ ଯାଉ ଦ୍ରବି।
ଖାଦ୍ୟ ଖାଇସାରି ହାତକୁ ନ ଧୋଇ
ବସିବାଟା ନୁହେଁ ଭଲ,
ଉଚ୍ଛିଷ୍ଟ ଖାଇବା ନୁହେଁ ଶୁଭଙ୍କର
ଆଞ୍ଜୁଳାରେ ପିଆ ଜଳ।
ଅମଙ୍ଗଳ ଦ୍ରବ୍ୟ ଛୁଇଁବାକୁ ମନା
ସ୍ନାନ କାଳେ ଜଳେ ପଶି,
ସ୍ତ୍ରୀ ଧର୍ମ ଏହା ନୁହେଁ ମନେରଖ
ପବିତ୍ରତା ଗୁଣେ ରଷି।
ଧର୍ମ ଶାସ୍ତ୍ର ମାନି ଧର୍ମ କରୁଥିଲେ
ଗୃହରେ ରହିବ ଶାନ୍ତି,
ଲକ୍ଷ୍ମୀ ନାରାୟଣ ପାଶେପାଶେ ରହି
ଶୁଭାଶିଷ ଢାଳୁଥାନ୍ତି।

ଖୋର୍ଦ୍ଧା



# ବଞ୍ଚିବାର ଆଶା ନେଇ....

**ଡ. ଶରତ କୁମାର ଚଉଁରୀ**

ରାଜପଥ ପରେ ଯାଉଥିଲେ ଧୀରେ
ନିଷ୍ପାପ ନିରୀହ ପିଲା
କଙ୍କାଳ ସାର ଅଲୋଡା ଶରୀର
ବଡ଼ କଷ୍ଟ ବାଟ ଚଲା
ତଥାପି ବଞ୍ଚିବାର ଆଶା ନେଇ
ଯାହାଙ୍କୁ ଦେଖନ୍ତି ପାଶେ ଧାଇଁଯାନ୍ତି
ଦିଅନ୍ତି ହାତ ପତେଇ।
ଯିଏ ଯାହା ଦେଲେ କିଏବି ନଦେଲେ
ଲେଶ ମାତ୍ର ଖେଦ ନାହିଁ
କର୍ମକୁ ଆଦରି ଯାଆନ୍ତି ଅପସରି
ଆଉ ପଛକୁ ନ ଚାହିଁ
ତଥାପି ବଞ୍ଚିବାର ଆଶା ନେଇ
କାହାକୁ କହିବେ କିଏ ସେ ଶୁଣିବେ
ଶୁଣିବାକୁ ବେଳ କାହିଁ।
ସ୍ୱାର୍ଥର ସଂସାର କିଏ ବା କାହାର
ସର୍ବେ ବ୍ୟସ୍ତ ନିଜ ପାଇଁ
କୋଟିଏ ମନୁଷ୍ୟ ଅଛନ୍ତି ଅବଶ୍ୟ
ମଣିଷ ପଣିଆ ନାହିଁ
ତଥାପି ବଞ୍ଚିବାର ଆଶା ନେଇ
ଅଛି ଚାଲିବାର ପଥ ବହୁ ଦୂର
ଥକି ଯିବା ନାହିଁ କେହି।

ସଂ: ଶିଶୁ ଦରବାର
ଟିଚର୍ସ କଲୋନି, ପିପିଲି, ପୁରୀ



# ଉନ୍ମୁକ୍ତ

ପ୍ରଣତି ମହାପାତ୍ର

ଅନ୍ଧଗଳିର ଦ୍ୱନ୍ଦ୍ୱ ମୂହୁର୍ତ୍ତେ
ବନ୍ଦ କୋଠରି ଦ୍ୱାରେ,
ଅନ୍ଧାରି ମୂଳକେ କଳାପାଣି ସଜା
ଭୋଗେ ଆଜି ନିର୍ଜନରେ।
କିଏ କାହା ପାଇଁ ହାରେ
ପୁଣି କେ କା'ପାଇଁ ମରେ
ଜିତିବାର ଲକ୍ଷ୍ୟ ଶପଥ ହୋଇଛି
ଆସୁ ଝଡ଼ ଜୀବନରେ।

ପ୍ରୀତିର ହାଟରେ ପ୍ରୀତି ଖୋଜୁ ଖୋଜୁ
ହେଲି ଛଳନା ଶିକାର,
ଉପରେ ହସିଣ ମିଠାରେ ଭାଷିଣ
ପୂର୍ଣ୍ଣକୁମ୍ଭ ଯେ ବିଷର,
କେତେ ଅଭିନୟ ନିଛକର
ସବୁ ଧ୍ୱଂସ ବିଭୀଷିକାର
ଜଳପାନ ପାଇଁ ଆଶା ନିରାଶାରେ
ମରୀଚିକା ଯେ ମରୁର।

ଯୁଦ୍ଧ ତ ଥିଲା ଯୁଦ୍ଧ ବି ଅଛି
ଆଗକୁ ନିଶ୍ଚେ ରହିବ,
ଝଡ଼ ପର ଦୃଶ୍ୟ ଅତି ଭୟଙ୍କର
ଶାନ୍ତି ସତ୍ୟ ଯେ ଆଣିବ।
କଣ୍ଟା ଦୂରୀଭୂତ ହେବ
ସତ୍ୟପଥ ଖୋଲିଯିବ
ନିସ୍ୱାର୍ଥ ନିହିତ ସତ୍ୟ ଧର୍ମ କର୍ମେ
ସ୍ୱସ୍ତି ମଳୟ ବହିବ।
ଏ ଜଗତ ହସି ଉଠିବ।

ଫକୀରମୋହନ ନଗର



# ସକାଳ ଜଣାଣ

**ବିଜୟ କୁମାର ଜେନା**

ମଣିଷ ଜୀବନ ସଂଘର୍ଷରେ ପୂର୍ଣ୍ଣ
କେତେବେଳେ ଆସେ ଦୁଃଖ
ଦୈବ ଦୁର୍ବିପାକ ରୋଗ ଜରା ବ୍ୟାଧି
ଛଡ଼ାଇ ନିଅଇ ସୁଖ ।
ପୁଣି କେବେ ଆସେ ବେକାରୀ ଦାରିଦ୍ର୍ୟ
ସମାଜ ତ୍ରୁଟି ବିଚ୍ୟୁତି
ସୁଧାରିବା ପାଇଁ ଧନମାନ ହାନି
ତାହାକୁ ନହୁଏ ଜିତି ।
ପରାଜୟ ଗ୍ଲାନି ହତାଶ ମଧ୍ୟରେ
ମଣିଷ ଯେ ଅସହାୟ
ନିଜ ସହ ସନ୍ଧି କରିନିଏ ଶେଷେ
ଅପ୍ରାପ୍ତି ନ କରି ଭୟ ।
ଏହି ଲଢେଇ ତ ଅହରହ ଚାଲେ
ହାରଜିତ ସଂଖ୍ୟା ନେଇ
ଜନମ କାଳରୁ ମରଣ ପର୍ଯ୍ୟନ୍ତ
ଆଲୋକ ଅନ୍ଧାର ଛାଇ ।
ବିବ୍ରତ ନ ହୋଇ ବିଶ୍ୱାସ ରଖିଲେ
ଜଗନ୍ନାଥ ହେବେ ସାହା
ସୁଖ ଦୁଃଖକୁ ଯେ ସମଜ୍ଞାନ କରେ
ପାଏ ସେ ଜୀବନେ ରାହା ।

**ଶାମୁକା ସାହି ରଣପୁର ନୟାଗଡ଼**



# ଈଶ୍ୱର

**ଅକ୍ଷୟ ମହାନ୍ତି**

ଦୁଃଖ ପଡିଗଲେ
ଦୁଃଖୀ ମଣିଷଟି
ଈଶ୍ୱରଙ୍କୁ ଦୁଃଖ କହେ
ଈଶ୍ୱରଙ୍କ କୃପା
ମିଳିଯାଏ ଯେବେ
କେହି ବି ସାହାଯ୍ୟ ଦିଏ।

ଅଦୃଶ୍ୟ ଈଶ୍ୱର
ଦୃଶ୍ୟ ଈଶ୍ୱରରେ
ସାହାଯ୍ୟ ହିଁ କରିଥାନ୍ତି
ଦୁଃଖୀ ମଣିଷର
ସେବା କର୍ମ କରି
ଉଦ୍ଧାର ହିଁ କରିଥାନ୍ତି

ପର ଉପକାରୀ
ଲୋକ ଜଣେ ଥିଲେ
ପର ଦୁଃଖ ଦେଖୁଥିଲେ
ରୋଗୀ ମଣିଷଙ୍କୁ
ହସ୍ପିଟାଲ ନେଇ
ଚିକିତ୍ସା କରାଉ ଥିଲେ।

ଡାକ୍ତରଖାନାରେ
ଅସାଧୁ ମଣିଷ,
ଦଲାଲ ବି ରହିଥାନ୍ତି
ଭିତରେ ଭିତରେ
ଏହି ଲୋକ ପ୍ରତି
ବୀତସ୍ପୃହ ହେଉଥାନ୍ତି।

ଦଲାଲି ପଇସା
ମିଳେନି ତାହାଙ୍କୁ
ଲୋକଙ୍କୁ ସୁବିଧା ମିଳେ
ଡାକ୍ତରଖାନାର
କର୍ତ୍ତୃପକ୍ଷ ଦିନେ
FIR ଟିଏ ଦେଲେ।

"ନିତି ଏ ଲୋକଟି
ହସ୍ପିଟାଲ ଆସି
ଦଲାଲି କାମ ହିଁ କରେ
ଡାକ୍ତରଖାନାର
ରୋଗୀ ସେବାରେ ଏ
ବାଧାବିଘ୍ନ ସୃଷ୍ଟି କରେ।"

ପୋଲିସ ତାହାଙ୍କୁ
ଧରି ନେଇ ଦିନେ
ଥାନାରେ ବସାଇ ଦେଲେ
ଦଶ ଘଣ୍ଟା ଧରି
ବସାଇ ରଖିଲେ
କିଛି ବି ଶୁଣି ନ ଥିଲେ।

ପର ଉପକାରୀ
ମଣିଷଟି ସତେ
ଦୁଃଖେ ମ୍ରିୟମାଣ ହେଲେ
ଈଶ୍ୱରଙ୍କ ପାଶେ
ପ୍ରାର୍ଥନା କରିଲେ,
" କାହିଁକି ଏମିତି କଲେ? "

ଥାନାବାବୁ ତାଙ୍କ
ଅବସ୍ଥାକୁ ଦେଖି
'ଯାଅ' ବୋଲି କହିଥିଲେ
ଘରକୁ ଆସି ସେ
ଝାଡା ବାନ୍ତି ହୋଇ
ଶଯ୍ୟାଶାୟୀ ହୋଇଗଲେ।

ବିଛଣାରୁ ସିଏ
ଉଠି ପାରିଲେନି
ଶେଷେ ଆଖି ବୁଜିଦେଲେ
ଲୋକେ କହିଥିଲେ,
"ଆମ ପାଇଁ ସିଏ
ସାକ୍ଷାତ ଈଶ୍ୱର ଥିଲେ।"

ତୁମେ କୁହ ବନ୍ଧୁ,
ଅଦୃଶ୍ୟ ଈଶ୍ୱର
ଏମିତି କାହିଁକି କଲେ?
ଦୃଶ୍ୟ ଈଶ୍ୱରଙ୍କୁ
ଦୁଃଖୀ ଲୋକଙ୍କଠୁଁ
ସଂପୂର୍ଣ୍ଣ ଛଡାଇ ନେଲେ।

ତାଙ୍କ ଇଚ୍ଛା କ'ଣ
ଦେଶରେ ଦୁର୍ନୀତି
ନିଆଁ ପରି ଚରିଯିବ
ଦୁର୍ନୀତିର ସୀମା
ଟପି ଯିବା ପରେ
ନୂଆ କିଛି ଗୋଟେ ହେବ???

# ଆର୍ଯ୍ୟ ବଧୂ

ସୁମିତ୍ରା ମିଶ୍ର

ହିନ୍ଦୁ ସଂସ୍କୃତି ଓ
ପରମ୍ପରା ଆମ
ସବୁଠୁ ନିଆରା ଅଟେ,
ନାରୀ ଜାତି ପୁଣି
ସବୁଠୁ ଊର୍ଦ୍ଧ୍ୱରେ
ପୁରାଣ ଗାଥାରେ ଫୁଟେ ।।

ସତୀ ସାଧ୍ୱୀ ଥିଲେ
ଜନକ ନନ୍ଦିନୀ
ପତିପ୍ରାଣା ନାରୀ ସୀତା,
ସୁଖେ ଅବା ଦୁଃଖେ
ସାଥେ ଥିଲେ ସଦା
ବନେ ଭୋଗି ନାନା ବ୍ୟଥା ।।

ସତୀ ଅନୁସୂୟା
ପତି ସୁଖ ପାଇଁ
ପୂଜେ ବାରାଙ୍ଗନା ପାଦ,
ସାତ ରାତି ହେଲା
ସପତ ରାତି ଯେ
ଅକାଟ୍ୟ ସତୀଙ୍କ ବାକ୍ୟ ।।

ସତୀ ବୃନ୍ଦାବତୀ
ବଳେ ବଳିୟାନ
ଦାନବ ଯେ ଜରାସନ୍ଧ,
ଦେବସୁରଗଣେ
ହରାଇଲେ ସର୍ବ
ପୃଥ୍ୱୀ ଲୋକେ ହନ୍ତସନ୍ତ ।।

ଥିଲେ ମହାସତୀ
ସାବିତ୍ରୀ ଯେ ପୁଣି
ସ୍ୱାମୀ ଅନୁଗାମୀ ପତ୍ନୀ,
ରାଜ ସୁଖ ଛାଡି
ବନେ ଗଲେ ଚଳି
ହୋଇ ରାଜଜେମା ପୁଣି ।।

ସ୍ୱଳ୍ପ ଆୟୁ ପତି
ଜାଣି ସୁଦ୍ଧା ସତୀ
ବରିଲେ ତାହାଙ୍କୁ ଜାଣି,
ସତୀ ପଣେ ତାଙ୍କ
ଫେରାଇ ଆଣିଲେ
ଜନ୍ତୁପତିଙ୍କୁ ଯେ ଜିଣି ।।

ସତୀ ସାଧ୍ୱୀ ପୁଣି
ଆର୍ଯ୍ୟ ବଧୂ ସିଏ
ପୃଥ୍ୱୀ କରଇ ସୁନ୍ଦର,
ବୁଦ୍ଧିଦାତ୍ରୀ ସିଏ
ପୁରୁଷ ପଛର
ମଣ ନାହିଁ ତାରେ ଛାର ।।

ଉଚିତ ମାର୍ଗରେ
ପଥିକ କରାଏ
ଧର୍ମକୁ ଆଖିରେ ରଖି,
ସଂସାର ରଥର
ମୁଖ୍ୟ ପୁରୋଧା ସେ
ନିରିହା ସେ ନିରିମାଖି ।।

# କାହା ପାଇଁ



କାଳିପ୍ରସାଦ ମହାପାତ୍ର

ଦୁଃଖକଷ୍ଟ ସବୁ ସହନ କରଇ
ସହନଶୀଳତା କହେ
ପ୍ରତିବାଦୀ ହୋଇ ପ୍ରତିବାଦ କରେ
ବିଦ୍ରୋହୀ ବୋଲାଏ ସିଏ ।

ନିଃଶେଷ ହୋଇଣ ମଳିନ ଛଡାଏ
ତୋଠ ପଥରଟି ସ୍ୱୟଂ
ନିଜେ ମରି ସିଏ ପଥଟି ଦେଖାଏ
ତରୁଲତା ତୃଣ ପ୍ରାୟ ।

କୃଷକ ଭାଇଟି ପରିଶ୍ରମ କରି
ଶସ୍ୟ ଉତ୍ପାଦନ କରେ
ନିଜେ ଭୋକେ ରହି ଜଗତ ପାଳଇ
ତାକୁ କି ଜଗତ ଝୁରେ ।

ଦେଶର ରକ୍ଷକ ସୈନିକ ଭାଇଟି
ସୀମାନ୍ତରେ ଯାଇ ଲଢେ
ଦେଶ ପାଇଁ ଯିଏ ଜୀବନ ଦିଅଇ
ତା' ପାଇଁ କି ସୌଧ ଗଢେ ।

ବୃକ୍ଷ ତ ଦିଅଇ ସକଳ ସମ୍ପଦ
ତା' ଦୁଃଖ କି କିଏ ବୁଝେ
ବୃକ୍ଷକୁ କାଟଇ ଜଙ୍ଗଲ ଜାଳଇ
ମଣିଷ କି ରଣ ସୁଝେ ।

ଜଳକୁ ଦୂଷିତ କରେ ଏହି ନର
ଜୀବନ ନାଟିକା ସିଏ
ତା ବିନା କି ଜିଇଁ ପାରିବ ସିଏ
ଏ କଥା କି ମନେ ପାଏ ।

ବାୟୁ ପ୍ରଦୂଷଣ କରଇ ମାନବ
ନିଶ୍ୱାସ କି ପାରେ ନେଇ
ତେବେ ଏ ମଣିଷ ବୁଝି ନ ପାରଇ
ବଞ୍ଚି କି ପାରିବ ନାହିଁ ।

ବନ୍ଧୁଗାଁ,କୋରାପୁଟ

# ଆମ ଖାଦ୍ୟ - ଆମ ସ୍ୱାସ୍ଥ୍ୟ



**ତୋଫାନ କୁମାର**

ସକାଳର ଖୋଲା ଆକାଶ ତଳେ
ଚଳିବା ଦେହକୁ ହିତ
ସତେଜ ପବନେ ସଦା ବ୍ୟାୟାମ
ରଚିବ ଉତ୍ତମ ସ୍ୱାସ୍ଥ୍ୟ ।।
ଘୃଣା କରନାହିଁ ଫଳକୁ କଦା
ସତେଜ ଫଳ ଆହାର
ଖାଇବା ସମୟେ କହିବା ବନ୍ଦ
ଚୋବାଇବା ବାରମ୍ବାର ।।
ପାଟିର ଲାଳ ଶେଷହେବା ଯାଏ
ଚର୍ବଣ ହିଁ ସର୍ବଶ୍ରେଷ୍ଠ
ଏହି ପଦ୍ଧତି ଅନୁସରଣୀୟ
ଦୂର କରେ ପେଟ କଷ୍ଟ ।।
ଯୋଗ ଏକ ଘଣ୍ଟା ଜରୁରୀ ଅଟେ
ଦୈନିକ ନିହାତି କର
କ୍ଷୀର ଓ ସତେଜ ପନିପରିବା
କମେଇବ ପେଟ ଭାର ।।
କୋଷ୍ଠ କାଠିନ୍ୟ ନ ହେବା ପାଇଁକା
ଏହା ପ୍ରତି ଦିଅ ଲୟ
ଖାଇବାର ଏକ ଘଣ୍ଟା ପରେ ହିଁ
ଜଳ ପାନ କରଣୀୟ ।।

ଘର ଖାଦ୍ୟ ସଦା ଖାଇବା ଜରୁରୀ
ଫାଷ୍ଟ ଫୁଡ଼ ବର୍ଜନୀୟ
ଶରୀର କହିବ ତୁମେ ଭାରି ଭଲ
ଏଥିରେ ନାହିଁ ସଂଶୟ ।।
ଯଦି ଚାହଁ ନାହିଁ ଭାରୀ ପେଟ କୁ
ରାତି ଖାଦ୍ୟ ପରେ ଧ୍ୟାନ
ଦୁଇ କି.ମି. ଚାଲିବା ଦରକାର
ଚାରି ଘଣ୍ଟାରେ ଶୟନ ।।
ଦୁଇ ଘଣ୍ଟା ପରେ ବ୍ରସ କରନ୍ତୁ
ଥଣ୍ଡା ଜଳେ ମୁହଁ ଧୌତ
ଦନ୍ତ ଓ ମୁହଁ ଉଜ୍ଜଳ ରହିବ
କରୁଥାଅ ନିୟମିତ ।।
ଫୁର୍ତ୍ତି ଆଉ ସ୍ଫୁର୍ତ୍ତି ବିପୁଳ ପାଣ୍ଠି
ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ
ଜୀବନରେ କର ଅନୁସରଣ
ସଫଳ ସୁନ୍ଦର ପାଇଁ ।।
ଖାଦ୍ୟର ରକ୍ଷାରେ ସ୍ୱାସ୍ଥ୍ୟ ସୁରକ୍ଷା
କ୍ଷୁଧା ଦୂର ଜଗତରୁ
ଦୂଷିତ ଓ ବାସୀ ଖାଦ୍ୟ ନିଷେଦ୍ଧ
ସ୍ୱାସ୍ଥ୍ୟ ପାଇଁ ଜୀବନରୁ ।।

**ବିଜ୍ଞାନ ଶିକ୍ଷକ,**
**ଆଇ ଆର୍ ସି ଭିଲେଜ, ଭୁବନେଶ୍ୱର**



# ମୁକତି

**ସୁରେଶ ଚନ୍ଦ୍ର ରଥ**

ପ୍ରଥମ ଦର୍ଶନେ ଚିତ୍ତ ଚୋରି କଲ
ହୃଦୟ ପଡିଲା ବନ୍ଧା
ଶକ୍ତ ପ୍ରେମ ରଜ୍ଜୁ ଧରିଅଛ ପ୍ରଭୁ
ତୁମେ ତ ଚରଣଛନ୍ଦା
ରୂପ କାନ୍ତି ତଥା ଚକାଡୋଳା ନେତ୍ର
ସ୍ତମ୍ଭୀଭୂତ କରେ ମନ
ଅପଲକେ ଚକ୍ଷୁ ଦେଖୁଥିବ ନିତି
ଏହା ପରା ଆକର୍ଷଣ
ଭକ୍ତ କବି ଆଉ ଭାବୁକର ମନ
ତୁମ ପାଶେ ସଦା ଥାଉ
ଜଗତ କଲ୍ୟାଣ କର ମହାବାହୁ
ଭାବନାରେ ଜୀବ ଯାଉ
ମାୟା ସଂସାରରେ ବୁଡାଇ ରଖିଲ
ଅନ୍ତର୍ଚକ୍ଷୁ ଖୋଲିନାହିଁ
ଦିଅ ବାରେ ଦେଖା ହେ ଅର୍ଜୁନ ସଖା
ମୁକତି ଲଭିବା ପାଇଁ
ବନ୍ଧୁ ପରିଜନ ଅବା ପ୍ରିୟଜନ
କେହି ତ ନୁହେଁ କାହାରି
ସ୍ୱାର୍ଥରେ ଜଡିତ ସଭିଙ୍କର ମନ
ଲୋଭ ମୋହ ପ୍ରେମେ ଘାରି
ଗୋଟି ଗୋଟି କରି ଅଙ୍ଗ କାଟି ଦେଲ
ଗଣ୍ଡିରେ ପ୍ରାଣ ରହିଛି
ଅଭିପ୍ରାୟ କଣ ଜାଣିବି ସାଆନ୍ତ
ଏକାକି ଦିନ ବିତୁଛି
ଶୟନେ ସପନେ ଅବା ଜାଗରଣେ
ଜଗନ୍ନାଥ ନାମ ସ୍ମରି
କୋଳ କରି ନିଅ ଅଧମ ସୁରେଶ
ସଂସାରରୁ ଯାଉ ତରି

ଜଟଣି,ଖୋର୍ଦ୍ଧା



# ରଜ ମଉଜ

ସୌମ୍ୟେନ୍ଦ୍ର ମିଶ୍ର

ଦୋଳି ଖେଳୁଥିଲି ଝାଙ୍କି
ଗଭାରୁ ଛିଡ଼ିଲା ସୁନା କେତକୀ
ଦିଅର ମୋ ଦେଲେ ଛିଙ୍କି ।

ଜୁଲୁକିରେ ସରୁ କଣ୍ଟା
ଆଖି ଠାରି ଦେଲେ ଶାଶୁ ଜାଣିବେ
ନଣନ୍ଦ ବାଢ଼ିବ ଖୁଣ୍ଟା ।

ଢ଼ିଙ୍କିରେ କୁଟିଲି ଗୋଡ଼ି
ଖୁଡି ଦେଇଥିଲେ ନଣନ୍ଦ ପେଡ଼ି
ଗାଁ ଯାକ ଗଲେ ବେଢ଼ି ।

ଡେଇଁ ଡେଇଁ ଗଲା ବଣି
ଏଡ଼େ ବଡ଼ ଘରେ ଦେଇଛୁ ବୋଉ ଲୋ
ଖାଆନ୍ତି କେରାଣ୍ଡି ଗଣି ।

ଆମ୍ବ ପାଚେ ଡାହି ଡ଼ାହି
ଅତି ଶରଧାରେ ଆଡ଼ ଚାହାଣିରେ
ଦିଅରକୁ କଲି ଭାଇ ।

ତାଟିଆ ଉପରେ ଗିନା
କନା ପାଞ୍ଚ ହାତ ନ ଦେଲ ନନା ହେ
ଦାଣ୍ଡକୁ ସୁନ୍ଦର ସିନା ।

ଲାଉ ଲଗେଇଲି ହସି
ଫୁଲ ଫୁଟିଗଲା ଧଇଲା କଷି
କାନ୍ତ ହେଲେ ପରବାସୀ ।

ଦୋଳି ଖେଳୁଥିଲି ବସି
ମଝିଆଁ ଦିଅର ଦେଲେ ତ ହସି
ଦୋଳିରୁ ପଡିଲି ଖସି ।



# ସଂଜବତୀ

ଦେବଯାନୀ ରାୟ

ତୁମ ମୋ' ଭିତରର
ଅମାପ ବ୍ୟବଧାନକୁ ଭିତ୍ତିକରି
ଜଳିଜଳି ନିଃଶେଷ ହୋଇଯିବା ପରେ ବି
କେମିତି ଏକ ନିର୍ଲଜ୍ ଭାବ ସହ
ଆହ୍ଲାଦର ନିଃଶ୍ୱାସକୁ ଦେଇଛି ପ୍ରଶୟ
ମେଘ ରାତି ପରି ଆଡେଇ ଦେଇଛି
ଘନୀଭୂତ ଧୂଆଁର ବଳୟ ।

ନୀରବ ଶବ୍ଦଙ୍କ ଅଦୃଶ୍ୟ ଅଭିମାନ ତଳେ
ଲୁଚାଇ ରଖିଛି ତୁମପାଇଁ
ସ୍ୱାଗତମ ଅରୁଣିମାର ଆହ୍ୱାନ
ହୃଦୟର ପ୍ରତ୍ୟେକ ବଖରାକୁ ଖୋଲାକରି
ବିଛାଇ ଦେଇଛି
କାମଫୁଲ, ଉଦୟରାଗ ସହ
ପ୍ରେମ କବିତା ...,
ପ୍ରୀତିର ବେଧଡକ ସ୍ପନ୍ଦନ ।

ତାପରେ ବି
ଅଂହଯୁକ୍ତ ତୁମ ପୌରୁଷ ପାଇଁ
ମୋର ଦଗ୍ଧ ବାସ୍ନା
ଦିବ୍ୟ ସୁଗନ୍ଧ ସମ ବିସ୍ତରିଯାଏ
ପବନରେ ... ଅଣୁରେ... ଅଣୁରେ...।

କ୍ରମଶଃ, ସରିଯାଏ ରାତି
ଶୁଖିଯାଏ ଲୁହ
ଖାଲି ପଡ଼ିଥାଏ ବେଳାଭୂମି
ମିଠା ସମ୍ପର୍କର ଅନ୍ତର୍ଜ୍ୱାଳା ରେ
ଆକାଶ ବି ନିଅଣ୍ଟ ପଡେ
ଭୋକକୁ ସାଇତିବାରେ ।

ଏମିତି ନିରନ୍ତର ଦୁଃଖକୁ କାନ୍ଧେଇ
ସଂକଳ୍ପର ଦୀପ ଜଳୁଥାଏ
ଠିକ୍ ଭୁଲ୍ ହିସାବରେ
ଜାଣେନାହିଁ
ତୁମେ କିଛି ବୁଝ କି ବୁଝନା
ଆଉ କେମିତିକା ନୀଳ ନିମନ୍ତ୍ରଣ ଚାହଁ
ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିବାରେ ।

ତୁମ ସମ୍ମୁଖର ଅନେକ କିଛିରୁ
କିଛି ବି ତ ନୁହେଁ ମୁଁ
ସେବେ ପରିବର୍ତ୍ତିତ ମୋ ଶରୀର
ପ୍ରଣବ ମୁଦ୍ରାରେ
ମୋକ୍ଷ ଖୋଜୁଥାଏ ଅନ୍ତରୀକ୍ଷରେ...।

ଜଟଣୀ, ଖୋର୍ଦ୍ଧା

# ଆମରି ସତ୍ୟ

Volume : I ◆ Issue : 6 ◆ June 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୁପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମିରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

AMARISATYA ଆମରିସତ୍ୟ Estd.: 2006 ODISHA

**M-1/5, M.P.Housing Board Colony**
**Post: P.N.College, Dist: Khordha, State: Odisha, Pin: 752057**
**+91-9437281655, Email : amarisatya@gmail.com**